# ଭତ୍ତା ଓ ବୀମା କାର୍ଡ ବାଣ୍ଟିଲେ ସାଂସଦ, ବାଚସ୍ପତି



ପ୍ରୀତିପୁର, ୧୩।୩(ସମିସ): ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ତଥା ଓଡ଼ିଶା ବିଧାନସଭା ବାବସ୍ପତି ପ୍ରମିଳା ମଲ୍ଲିକ ଓ ଯାଜପୁର ଲୋକସଭା ସାଂସଦ ଶର୍ମିଷ୍ଠା ସେଠୀ ହିତାଧିକାରୀଙ୍କୁ ଭତ୍ତା ଓ ବିଏସକେୱାଇ କାର୍ଡ ବଣ୍ଟନ କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର ସାହୁଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ରୂପେ ବାଚସ୍ପତି ପ୍ରମିଳା ମଲ୍ଲିକ, ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ବିଡିଓ ବିଭୁଦେନ୍ଦୁ ଦାସ, ଉପାଧ୍ୟକ୍ଷ ସେକ ଇର୍ସାଦ, ୨୬ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ସହ ଓଡ଼ିଶାର ସମସ୍ତ ବର୍ଗର ଜନସାଧାରଣଙ୍କ ଆର୍ôଥକ ପ୍ରଗତି କିପରି ହୋଇପାରିବ ସେଥିଲାଗି ଓଡ଼ିଶା ସରକାର କାମ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ପିଇଓ ପରିଚାଳନା କରିଥିଲେ।

# ଖରସ୍ରୋତା ସେତୁର ଶିଳାନ୍ୟାସ



ପ୍ରୀତିପୁର, ୧୩।୩(ସମିସ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀ ଉପରେ ଗମନାଗମନ ସୁବିଧା ପାଇଁ ବୁଧବାର ଜଗନ୍ନାଥପୁର-ଅଲାରପୁର, ବାଛୋଳ-ପରମାନନ୍ଦପୁର, ଜରୀ-ହଦୁଆ ସେତୁ ପାଇଁ ସ୍ଥାନୀୟ ବିଧାୟିକା ତଥା ବିଧାନସଭା ବାଚସ୍ପତି ପ୍ରମିଳା ମଲ୍ଲିକ ଶିଳାନ୍ୟାସ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସାଂସଦ ଶର୍ମିଷ୍ଠା ସେଠୀ, ବ୍ଲକ ଅଧ୍ୟକ୍ଷ ରଞ୍ଜିତା ଦାସ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍କ ସୁଶାନ୍ତ ମିଶ୍ର, ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଶା ସରକାର ସର୍ବଦା ସର୍ବାଙ୍ଗିନ ବିକାଶ କରିବାରେ ପ୍ରାଧାନ୍ୟ ଦେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆନନ୍ଦ ସାମଲ, ବିରଞ୍ଚି ଦ୍ୱିବେଦୀ, ମାନସ ମଲ୍ଲିକ, ପ୍ରିୟଙ୍କା ମଲ୍ଲିକ, ଅଜିତ ସାମଲଙ୍କ ସମେତ ପୂର୍ତ୍ତ ବିଭାଗ କର୍ମଚାରୀ, ହଜାର ହଜାର ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ



ଯାଜପୁର, ୧୩।୩(ସମିସ): ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ଦ୍ୱାରା ଷ୍ଟାର ପ୍ରୋଜେକ୍ଟର ଆର୍ଥିକ ସହାୟତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୧୬ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପଟପ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୮ଟି ବ୍ଲକରୁ ୧୬ ଜଣ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା ଓ ବ୍ଲକ ସମ୍ବଳ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଯୋଗ ଦେଇ ପିଲାଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ଭିନ୍ନକ୍ଷମତା କିମ୍ବା ଆର୍ଥିକ ଅଭାବ ପାଠପଢ଼ା କ୍ଷେତ୍ରରେ ବାଧକ ସାଜିବ ନାହିଁ ବୋଲି କହିଥିଲେ। ସେମାନଙ୍କୁ ଉପଯୁକ୍ତ ପ୍ରେରଣା ଓ ସହାୟତା ଯୋଗାଇ ଦେଲେ ସମସ୍ତ ପ୍ରତିବନ୍ଧକ ଭାଙ୍ଗି ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ଜିଲ୍ଲାପାଳ କହିଥିଲେ। ଏଥିସହିତ ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ ପାଇଁ ଜିଲ୍ଲା ପ୍ରଶାସନ ସହାୟତାର ହାତ ବଢ଼ାଇବ ବୋଲି କହିଥିଲେ। ଜିଲ୍ଲାପାଳ ସ୍ୱହସ୍ତରେ ଲାପଟପ ପ୍ରଦାନ କରିବା ପରେ ସେମାନେ ବହୁତ ଖୁସି ବ୍ୟକ୍ତ କରିବା ସହିତ ଏହା ତାଙ୍କ ପାଠପଢ଼ାରେ ବହୁ ସହାୟତା ପ୍ରଦାନ ଓ ସେମାନଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରିଣୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜିକା ନିବେଦିତା ପାଣି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶିଧର ସିଂ ପିଲାମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅନ୍ତର୍ନିବେଶି ଶିକ୍ଷା ସଂଯୋଜିକା ବନ୍ଦନା ଜେନା ଓ ସଂଗ୍ରାମ କେଶରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ





ବାରବାଟୀ, ୧୩।୩(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ମାସିକିଆ ପ୍ରଧାନ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧୁପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଶମଣି ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଏଡିଇଓ ରାଜେଶ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ରସୁଲପୁର ବିଇଓ ନୀଳାମ୍ବର ମିଶ୍ର, ସମ୍ମାନିତ ଅତିଥି ଭାବେ ଖଣ୍ଡିତର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ ରାଉତ, ବ୍ଲକ ସଂଯୋଜକ ଓଡଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ, କୋରେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ୍ୱର ବେହେରା, ଦିଲ୍ଲୀପ ଦାସ, ମୋ ସ୍କୁଲ ଅଭିଯାନର କୋ-ଅର୍ଡିନେଟର ଶିକ୍ଷକ ପ୍ରକାଶ କୁମାର ପଣ୍ଡା, ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସିଆରସିସି ଅରୁଣା ଦ୍ୱିବେଦୀ, ମଧୁପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ନୃତ୍ୟ ପରିବେଷଣ କରାଯିବା ପରେ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଧିରେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ କୁଶମଣି ପଣ୍ଡାଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଉକ୍ତ ବୈଠକରେ ରସୁଲପୁର ବ୍ଲକର '୫-ଟି' ଅନ୍ତର୍ଭୁକ୍ତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୬ଷ୍ଠ ମାସିକିଆ ବୈଠକରେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ମମତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ଆର୍‌ଆଇ କାର୍ଯ୍ୟାଳୟ, ବାସଗୃହ ଓ ଟମକା ମେଡିକାଲ ରାସ୍ତାର ଶିଳାନ୍ୟାସ



ଟମକା, ୧୩।୩(ସମିସ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ବୁଧବାର ଟମକା ଅଞ୍ଚଳ ଗସ୍ତ କରି ନୂତନ ଭାବେ ହେବାକୁ ଥିବା ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ସମେତ ବାସଗୃହ ଓ ଟମକା ମେଡିକାଲ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧ କୋଟି ୨୦ ଲକ୍ଷ ଟଙ୍କା ଅନୁଦାନରେ ନୀରିକ୍ଷକଙ୍କ କାର୍ଯ୍ୟାଳୟ ସମେତ ବାସଗୃହ ନିର୍ମାଣ ଓ ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠିରୁ ୩୦ ଲକ୍ଷ ଟଙ୍କା ବ୍ୟୟରେ ମେଡିକାଲ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏ ଅବସରରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ସୌମ୍ୟରଞ୍ଜନ ମହାପାତ୍ର, ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧକ୍ଷ ଅଜୟ କୁମାର ବିନ୍ଧାଣୀ, କିଆଝର ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ପୂର୍ବତନ ସରପଞ୍ଚ ଦ୍ୱାରିକାନାଥ ଦାସ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ବେହେରା, ପ୍ରଭାକର ମହାନ୍ତ, ବିଦ୍ୟାଧର ନାୟକ, ପଞ୍ଚାନନ ଜେନା, ଅଞ୍ଜନ କୁମାର ପ୍ରଧାନ, ଯୁବନେତା ଜ୍ଞାନରଞ୍ଜନ ମହାପାତ୍ର, ଧର୍ମେନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ବିଶାଳ ମହିଳା ସମାବେଶ

ଆଳି, ୧୩।୩(ସମିସ): ବୁଧବାର ପୂର୍ବାହ୍ନରେ ଆଳି ନିର୍ବାଚନ ମଣ୍ଡଳୀର ୧ ନମ୍ବର ଜୋନରେ ବିଜେଡି ପକ୍ଷରୁ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ଗାନ୍ଧୀ ମେମୋରିଆଲ କଲେଜ ପଡ଼ିଆରେ ଅନୁଷ୍ଠିତ ଏହି ସମାବେଶରେ ଜୋନ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଚାରି ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ନିଖିଳ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଆଳି ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ସ୍ୱାବଲମ୍ବୀ, ସଶକ୍ତିକରଣ କରିବା ନିମନ୍ତେ ଯେଉଁସବୁ ଯୋଜନା ପ୍ରଣୟନ କରିବା ସହିତ କାର୍ଯ୍ୟକାରୀ କରିଛନ୍ତି ତାହା ଆଜି ମହିଳାଙ୍କ ସାମାଜିକ, ଆର୍ଥିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟାଇଛି। ମହିଳାମାନେ ରୋଜଗାରକ୍ଷମ ହେବା ସହିତ ସମ୍ମାନର ସହ ବଞ୍ଚିବାର ରାହା ପାଇଛନ୍ତି।

ଏହି ମହିଳା ସମାବେଶରେ ସ୍ୱୟଂସହାୟକ ମହିଳା ଗୋଷ୍ଠୀର ହଜାର ହଜାର ସଭ୍ୟା ଯୋଗ ଦେଇଥିଲେ।ଏହି ମହିଳା ସମାବେଶରେ ଅନ୍ୟଙ୍କ ମଧ୍ୟରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟ କନକଲତା ବେହେରା, ଭୀଷ୍ମ ମହାନ୍ତି, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଆଳି ବ୍ଲକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଅନୁରାଧା ପାଢ଼ୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ସମିତିସଭ୍ୟ ମମତା ଭୂୟାଁଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଜୁ ଜନତା ଦଳର ସକ୍ରିୟ କର୍ମୀ ଉପସ୍ଥିତ ଥିଲେ। ଏ ଅବସରରେ ପେତପଡ଼ା ସରପଞ୍ଚ ଅନୁପମା ପ୍ରିୟଦର୍ଶନୀଙ୍କ ସହିତ ପ୍ରାୟ ୩୦ ପରିବାର ବିଜେଡିରେ ମିଶିବା ସହିତ ସଂସିଧା ପଞ୍ଚାୟତର କିଛି ପରିବାର ବିଜେଡିରେ ମିଶିଥିଲେ।

# ଟ୍ରଲର ଜବତ, ୧୪ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୩।୩ (ସମିସ): ବିରଳ ଅଲିଭରିଡଲେ କଇଁଛଙ୍କ ଏନ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ ମା'ସନ୍ତୋଷୀ-୩ ନାମକ ଟ୍ରଲର ଜବତ କରିବା ସହିତ ବାଲେଶ୍ୱର, ମୟୁରଭଞ୍ଜ ଓ ପଶ୍ଚିମବଙ୍ଗର ୧୪ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆଜି ବନବିଭାଗ ପାଟ୍ରୋଲିଂ ଟିମ ଏସିଏଫ ମାନସ କୁମାର ଦାସଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର କୂଳରୁ ୬ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ଏହି ଟ୍ରଲରକୁ ଜବତ କରିଛନ୍ତି।ଏହି ଟ୍ରଲରରେ ଥିବା ୩ଟି ଭିଏଚଏଫ ଦୁଇଟି. ଜିପିଏସ ଗୋଟିଏ ଫିସ୍ ଫାଇଣ୍ଡର, ୪ଟି ଗିଲନେଟ ସହିତ ୭ କ୍ୟୁଣ୍ଟାଲ ୫୦ କେଜି ମାଛ ଜବତ କରିଛନ୍ତି। ଏଥିସହ ୧୪ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ରାଜକନିକାରେ ଝଡ଼ପବନ ସହ ବର୍ଷା

ରାଜକନିକା, ୧୩।୩(ସମିସ): ଆଜି ଅପରାହ୍ନରେ ଦୀର୍ଘ ୪ମାସର ବ୍ୟବଧାନ ପରେ ମଧ୍ୟମ ଧରଣର ବର୍ଷା ସହ ଝଡ଼ପବନ ହୋଇଥିବାରୁ ସାମାନ୍ୟ ଆଶ୍ୱସ୍ତି ଅନୁଭୂତ ହୋଇଛି। ଗତ ଡିସେମ୍ବର ୫ରେ ବର୍ଷା ହୋଇଥିବା ବେଳେ ଦୀର୍ଘ ୪ ମାସ ହେବ ବର୍ଷା ନ ହେବାରୁ ରବିଋତୁର ସମସ୍ତ ଫସଲ ବର୍ଷା ପାଣି ବିନା ସେତେଟା ଆଗେଇ ପାରୁ ନ ଥିବା ବେଳେ ଆଜି ଅପରାହ୍ନର ବର୍ଷା ପନିପରିବା, ମୁଗ, ଡ଼ାଲୁଅ ଧାନ, ତରଭୁଜ ଫସଲ ପାଇଁ ଆଶ୍ୱସ୍ତି ଆଣିଦେଇଛି। ଅପରାହ୍ନରେ ହଠାତ କଳାହାଣ୍ଡିଆ ମେଘ ଘନୀଭୂତ ହୋଇ ଝଡ଼ ପବନ ପରେ ଦୀର୍ଘ ୨୦ ମିନିଟ ଧରି ବର୍ଷା ବର୍ଷିବା ଚାଷୀକୁଳ ସହ ଜନଜୀବନକୁ ଉଲ୍ଲସିତ କରିଛି। ଯଦିଓ ଝଡ଼ ପବନରେ ରାଜକନିକାରେ ବିଭିନ୍ନ ଅଞ୍ଚଳରେ ରାସ୍ତା ପାଖ ଗଛ ଉପୁଡି କିଛି ସମୟ ପାଇଁ ରାସ୍ତା ଜାମ ହୋଇଥିଲା। ପରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ସେସବୁ ଗଛକୁ କାଟି ରାସ୍ତା ପରିଷ୍କାର କରିଛନ୍ତି। ଗଛ ଉପୁଡିବା, ବିଜୁଳିତାର ଛିଡିବା ଦ୍ୱାରା ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ଘଟିଛି।

# ଜଳିଗଲା ୮ ବଖରା

ରାଜନଗର, ୧୩।୩ (ସମିସ): ରାଜନଗର ବ୍ଲକ ଭିତରଗଡ଼ ଗାଁରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ୮ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଗାଁର ତରଣୀସେନ ଜେନା, ବାବାଜୀ ଜେନା, ସୁବାଷ ଜେନା, ସନ୍ୟାସୀ ଜେନା, ଫକୀର ଜେନା ପ୍ରମୁଖ ୫ଟି ପରିବାରର ୮ ବଖରା ଘର ସହିତ ଲକ୍ଷାଧିକ ଟଙ୍କାର ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଗତକାଲି ରାତି ପ୍ରାୟ ୮ ଘଟିକା ସମୟରେ ହଠାତ୍ କୌଣସି କାରଣରୁ ଘରେ ନିଆଁ ଲାଗି ଯାଇଥିଲା। ମାତ୍ର ୧୫ ମିନିଟ ମଧ୍ୟରେ ନିଆଁ ୮ ବଖରା ଘରକୁ ପୋଡି ପାଉଁଶ କରି ଦେଇଥିଲା। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ସରପଞ୍ଚ ଇତିଶ୍ରୀ ମହାପାତ୍ର, ବସନ୍ତ ରାଉତ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ପିଏଚ୍.ଡି ଲାଭ



ଗବେଷକ ଭଗତରାମ ସେଟ୍ ମେଟ୍ସ ବିଶ୍ୱବିଦ୍ୟାଳୟ ରାୟପୁରରୁ ଇଂରାଜୀରେ ପି.ଏଚ.ଡି ଉପାଧି ପାଇବା ପାଇଁ ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "National Disparities with special reference to representation of India in select works of Gita Mehta". ଡକ୍ଟର ଭଗତରାମ ମେଟ୍ସ (MATs)ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ରଂଜନା ଦାସ ସରଖେଲଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗୀର ପ୍ରଫେସର ଡଃ. ପ୍ରତାପ କୁମାର ଦାସ ଏବଂ ଛତିଶଗଡ ସ୍ୱାମୀ ବିବେକାନନ୍ଦ ଟେକନିକାଲ ବିଶ୍ୱବ୍ୟାଳୟ, ଭିଲାଇ ପ୍ରଫେସର ଚନ୍ଦ୍ରଶେଖର ଶର୍ମା, ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ ଭଗତରାମ ସାନସରାଇପାଲି ଗ୍ରାମର ଶ୍ରୀ ଯୋଗେଶ୍ୱର ସେଟ ଏବଂ ଶ୍ରୀମତୀ ବିଳାଶିନୀ ସେଟଙ୍କ ଦ୍ୱିତୀୟ ପୁତ୍ର ଅଟନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ସ୍ତ୍ରୀ ତଥା ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ତଥା ସର୍ବୋପରି ପରମାତ୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି।


ପ୍ରଥମ ଶ୍ରାଦ୍ଧବାର୍ଷିକୀର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଦେବାଶିଷ ବେବର୍ତ୍ତା (ଗୁଗୁ)
ଆବିର୍ଭାବ: ୨୭.୦୬.୨୦୦୫, ତିରୋଧାନ: ୨୪.୦୨.୨୦୨୩ ଗୁରୁ ପଞ୍ଚମୀ
ଗୋବରା, ଗଞ୍ଜାମ

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ତୋର ସେ ସ୍ନେହଭରା ଡାକ ଆଉ ଶୁଭୁନାହିଁ, ପ୍ରତ୍ୟେକ ମୁହୂର୍ତ୍ତରେ ତୋର ଅନୁପସ୍ଥିତିକୁ ଆମେ ଅନୁଭବ କରୁଛୁ।
ଅସମୟରେ ଆମକୁ ଛାଡି ତୁ ଅଫେରା ରାଇଜକୁ ଚାଲିଗଲୁ, ସବୁଦିନେ ସବୁସମୟରେ ତୁ ମନେ ପଡୁଛୁ , ତୁ ଯେଉଁଠି ବି ଥାଆ ଭଲରେ ଥାଆ, ତୋର ଅମରାତ୍ମା ଶାନ୍ତିପାଉ।ତୋର ଅମରାତ୍ମା ପରମାତ୍ମାଙ୍କ ହୃଦୟରେ ଲୀନ ହେଉ ବୋଲି, ଜଗତରନାଥ ଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭର ପ୍ରାର୍ଥନା।

ଇତି : ତୋର ହତଭାଗିନୀ ମାମା ରଞ୍ଜିତା ଦେବୀ,ବୋଉ, ବଡମାମା, ରୀନା ଦିଦି, ମିନିଦିଦି, ମଉସା, ବଡ଼ମାମୁ, ସାନମାମୁ ଦୁଇ ମାଇଁ, ମାମାଦିଦି, ଟିନାଦିଦି,ଟିଙ୍କୁ ଭାଇ, ସ୍ନେହା, ସାଇ, ପ୍ରିୟାଂଶୁ ଓ ବାବୁ।

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଆଶାଲତା ମିଶ୍ର
ସ୍ୱାମୀ- ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ବରାଳପୋଖରୀ, ଚରମ୍ପା, ଭଦ୍ରକ

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ
ନ ଚୈନଂକ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ

ଶୋକସନ୍ତପ୍ତ: ମିଲି, ମିଟୁ, ବୁଲୁ, ନିକି, ଲୁଲୁ, ମାମୁନି, ବବି, ମିନୁ, ଗୁଡୁଲି, ଟପଲି, ତାନିଆ, ଲୁନିଆ, ଧିମାନ, ବୁବୁଲୁ, ସନିଆ, ଏବଂ ମିଶ୍ର ପରିବାରର ସମସ୍ତ ସଦସ୍ୟ ସଦସ୍ୟା, ବନ୍ଧୁ ଓ ଆତ୍ମୀୟସ୍ୱଜନ


# ଦୁର୍ଘଟଣାରେ କ୍ରିକେଟ୍ ଖେଳାଳିଙ୍କ ମୃତ୍ୟୁ

ଧର୍ମଶାଳା, ୧୩।୩(ସମିସ): ଧର୍ମଶାଳା ବ୍ଲକ ଅଧୀନସ୍ଥ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମର ମାର୍କଣ୍ଡ ପାଳଙ୍କ ପୁତ୍ର ଯୁବ କ୍ରିକେଟ୍ ଖେଳାଳି ତଥା ସଂଗଠକ ନାରାୟଣ ପାଳ(୪୩)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତ ୮ ତାରିଖ ସନ୍ଧ୍ୟାରେ ସେ ଚଢ଼େଇଧରା ବଜାରରୁ ଘରକୁ ଫେରୁଥିବାବେଳେ ଭୁବନପୁର ଛକ ନିକଟରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଅକାଳ ମୃତ୍ୟୁରେ ଧର୍ମଶାଳାରେ ଶୋକର ଛାୟା ଖେଳିଯାଇଛି। ଗାଁରେ ଓ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କଳ୍ପତରୁ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ପ୍ରତି ବର୍ଷ ହେଉଥିବା କ୍ରିକେଟ ପ୍ରତିଯୋଗିତାରେ ସେ ଅମ୍ପାୟାରିଂ କରିଥାନ୍ତି। ସେ ଭଲ କ୍ରିକେଟର ମଧ୍ୟ ଥିଲେ। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ସରପଞ୍ଚ ତ୍ରିଲୋଚନ ଜେନା, ଯୁବ ସଂଗଠକ ଦେବବ୍ରତ ରାଉତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ଥାନୀୟ ବାବା ବୀର ଭୈରବ କ୍ଲବର ସମସ୍ତ ସଭ୍ୟ ଶୋକବ୍ୟକ୍ତ କରିଛନ୍ତି।







## ନଦୀବନ୍ଧ କଡ଼ରୁ ମହିଳାଙ୍କ ମୃତଦେହ ଜବତ ଘଟଣାରେ ଦିଅର ଗିରଫ



**ବଡ଼ଚଣା, ୧୩।୩(ସମିସ):** ଗତ ୪ ତାରିଖ ସକାଳେ ବଡ଼ଚଣା ଥାନା ଅନ୍ତର୍ଗତ ବେଣାପୁର ନିକଟ ବଡ଼ଗେଙ୍ଗୁଟି ନଦୀବନ୍ଧ କଡ଼ରୁ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାସ କରିଛି ବଡଚଣା ପୁଲିସ। ଘଟଣାର ତଦନ୍ତ କରି ମୃତ ମହିଳାଙ୍କ ଦିଅରକୁ ପୁଲିସ ଆଜି ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ଦିଅର ହେଉଛି ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ଚେହେଙ୍କା ଚାତର (୩୨)। ପୁଲିସ ସୂତ୍ରରୁ ପ୍ରକାଶ, ଗିରଫ ଯୁବକ ଚେହେଙ୍କା ପ୍ରଥମ ସ୍ତ୍ରୀର ମୃତ୍ୟୁ ପରେ ସେ ଦ୍ୱିତୀୟ ବିବାହ କରିଥିଲା। ତେବେ ଦ୍ୱିତୀୟ ସ୍ତ୍ରୀ ସହିତ କୌଣସି କାରଣରୁ ମନୋମାଳିନ୍ୟ ହେବାରୁ ସେ ଆସି ଚଢ଼େଇଧରା ନିକଟ ତାଙ୍କ ବାପଘରେ ରହୁଥିଲା। ଚେହେଙ୍କା ତାଙ୍କ ପତ୍ନୀଙ୍କୁ ବୁଝାସୁଝା କରି ଘରକୁ ଆଣିବାକୁ ସେ ତାଙ୍କ ଭାଉଜ ସୁରୁ ଚାତରାଙ୍କୁ ଅନୁରୋଧ କରିବା ପରେ ଉଭୟ ଦିଅର ଭାଉଜ ଏକ ଅଟୋରେ ଆସି ବନ୍ଧାପଦ୍ମନାଭପୁରର ଏକ କୁକୁଡ଼ା ଫାର୍ମରେ ପହଞ୍ଚିଥିଲେ। ତେବେ ସେମାନେ ୩ ତାରିଖ ଦିନ ସେଠାରେ ରାତି ବିତାଇବା ପରେ ଭୋର ସମୟରେ ଭାଉଜ ତାଙ୍କ ମତ ବଦଳାଇ ଚଢ଼େଇଧରା ଯିବାକୁ ମନା କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଚେହେଙ୍କା ଭୋର ସମୟରେ ଭାଉଜଙ୍କ ବେକରେ ଶାଢୀ ଗୁଡାଇ ହତ୍ୟା କରିଥିଲା। ପରେ ତାଙ୍କ ଶବକୁ କାନ୍ଧରେ ଆଣି ବଡ଼ଗେଙ୍ଗୁଟି ନଦୀ କଡରେ ଫିଙ୍ଗି ଦେଇଥିବା ନେଇ ସେ ପୁଲିସ ଆଗରେ ସ୍ୱୀକାର କରିଥିଲା। ଆଜି ଗିରଫ ଅଭିଯୁକ୍ତ ଚେହେଙ୍କାକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

### ■ କାଳନ୍ଦୀ ହତ୍ୟାକାଣ୍ଡ ଘଟଣା

## ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଦାବି

**ଯାଜପୁର, ୧୩।୩(ସମିସ):** ଯାଜପୁର ସଦର ଥାନା ଜମଧର ପଞ୍ଚାୟତ ସ୍ୱପ୍ନେଶ୍ୱର ଗ୍ରାମର କାଳନ୍ଦୀ ମଲ୍ଲିକ ହତ୍ୟାକାଣ୍ଡ ଘଟଣାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ହତ୍ୟାକାଣ୍ଡ ଘଟଣାକୁ ଓଡ଼ିଶା ମାନବ ଅଧିକାର ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ଏହି ଘଟଣାରେ ଯେଉଁ ଆସାମୀ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ସହିତ ହତ୍ୟା ସମୟରେ ଆହତ ବ୍ୟକ୍ତିଙ୍କୁ ୧୦ ଲକ୍ଷ ଟଙ୍କା, ମୃତକ କାଳନ୍ଦୀଙ୍କ ପୁଅକୁ ସରକାରୀ ଚାକିରି ଦେବା ସହିତ ତାଙ୍କ ପରିବାରକୁ ପକ୍କା ଘର ଯୋଗାଇ ଦେବାକୁ ମଞ୍ଚର ରାଜ୍ୟ ଆବାହକ ମାଗୁଣି ଜେନା ଯାଜପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଯୁବ ଭାରତ କୃଷକ ସଂଘର ଦାବିପତ୍ର ପ୍ରଦାନ



**ଯାଜପୁର, ୧୩।୩(ସମିସ):** ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଯୁବ ଭାରତ କୃଷକ ସଂଘ ପକ୍ଷରୁ ୧୨ ଦଫା ଦାବିପତ୍ର ଯାଜପୁର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଚାଷୀଙ୍କ ଜଳ, ଜମି ଓ ଜମା ସଂକଟ ଦୂର କରିବା ସହିତ ସାମାଜିକ ସୁରକ୍ଷା ଓ ସ୍ୱତନ୍ତ୍ର ଅର୍ଥନୈତିକ ବିଚାର, କୃଷକଙ୍କୁ ସର୍ବକାଳୀନ ଭତ୍ତା ଓ କୃଷି ବିରାମ ସହଜ ସଅଳ ଉପଲବ୍ଧ, କୃଷକଙ୍କୁ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଓ ଅନୁଦାନ ଯୁକ୍ତ ଅତ୍ୟାଧୁନିକ ପ୍ରଶିକ୍ଷଣ ବ୍ୟବସ୍ଥା, ଅଣକୃଷକଙ୍କୁ କୃଷକ ବର୍ଗରୁ ବାଦ, ଯୋଜନାରୁ ବଞ୍ଚିତ କୃଷକଙ୍କୁ ସାମିଲ, କୃଷି ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ ପାଇଁ ସ୍ଥାୟୀ ସରକାରୀ ପରିଚାଳିତ ବଜାର ବ୍ୟବସ୍ଥା, ଫସଲ ଉତ୍ପନ୍ନ ଅଞ୍ଚଳରେ ଅପରାହ୍ନ ବିକ୍ରୟ କେନ୍ଦ୍ରକୁ ମଞ୍ଜୁରି, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଚାଷୀଙ୍କୁ ମାଗଣା ଜଳ ଓ ବିଦ୍ୟୁତ୍ ଯୋଗାଣ ଓ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ସମେତ ୧୨ ଦଫା ଦାବିରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ସଂଘ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳ ଅଫିସରେ ପହଞ୍ଚିଥିଲା। ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ରାଜ୍ୟ ଆଇନ ସେଲ ସଦସ୍ୟ ଆଇନଜୀବୀ ଦୀପ୍ତିରଞ୍ଜନ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଜୟ ବିହାରୀ ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ରଞ୍ଜନ କୁମାର ରାଉତ, ଜିଲ୍ଲା ଉପଦେଷ୍ଟା କୁଳମଣି ଶୁକ୍ଳ, ନକୁଳ ଚରଣ ରାଉତ, ସୁକିନ୍ଦା ଦାନଗଦି ଯୁଗ୍ମ କମିଟି ଅଧ୍ୟକ୍ଷ ଭାଗୀରଥି ଜେନା, ଯାଜପୁର ଜିଲ୍ଲା ସଭାପତି ରାଜକିଶୋର ସାମଲ, ଉପସଭାପତି ଅକ୍ତର ଅଲ୍ଲୀ ଖାଁ, ଦଶରଥପୁର ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ସମେତ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।

### ଧର୍ମଶାଳା ବିଜେପିକୁ ଶକ୍ତ ଧକ୍କା

# ବିଜେଡିରେ ମିଶିଲେ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ଉପସଭାପତି

**ଧର୍ମଶାଳା, ୧୩।୩ (ସମିସ)**

ଗୋଟିଏ ପଟେ ରାଜ୍ୟରେ ବିଜେଡି ଓ ବିଜେପି ମେଣ୍ଟ ହେବାର ଚର୍ଚ୍ଚା ଥମୁ ନ ଥିବାବେଳେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଜେପି କର୍ମୀ ଏଭଳି ଚର୍ଚ୍ଚାକୁ ନେଇ ଗତ କିଛିଦିନ ହେଲା ଦ୍ୱନ୍ଦ୍ୱରେ ରହିଛନ୍ତି। ମେଣ୍ଟ ହେବ କି ନା ତାକୁ ନେଇ ଗାଁ ଠୁ ବଜାର ସବୁଠି ଆଲୋଚନା। ବିଜେପି ସୁପ୍ରିମୋ ନରେନ୍ଦ୍ର ମୋଦୀଙ୍କ ଯାଜପୁର ଗସ୍ତ ପରେ ବିଜେପି ଶିବିର ଉତ୍ସାହିତ ହେବ ପରିବର୍ତ୍ତେ ହତୋତ୍ସାହିତ ହୋଇପଡ଼ିଛନ୍ତି।

### ନିଜ ଗାଁରେ ଦୁର୍ବଳ ହୋଇପଡୁଛନ୍ତି ବିଜେପି ନେତ୍ରୀ

ଦଳର ବହୁ ଛାମୁଆ କର୍ମୀ ଦଳ ଛାଡ଼ିବା ପାଇଁ ଅଣ୍ଟା ଭିଡ଼ିବା ଆରମ୍ଭ କଲେଣି। ସେହିପରି ତିନି ଭାଗରେ ବିଭକ୍ତ ଧର୍ମଶାଳା ବିଜେପିର କିଏ ନେବ ଆଗାମୀ ନେତୃତ୍ୱ ତାକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି ଆଗଧାଡ଼ିର କର୍ମୀ। ବିଜେପି ଯୁବ କାର୍ଯ୍ୟକର୍ତ୍ତାମାନେ ଦଳ ଉପରୁ ଆସ୍ଥା ହରାଇଲେଣି। ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି କିରଣ କୁମାର ଜେନାଙ୍କ ସହ ଅନେକ ବିଜେପି କର୍ମକର୍ତ୍ତା ବିଜେଡିରେ ସାମିଲ ହୋବା ପରେ ବିଜେପିକୁ ଶକ୍ତ ଧକ୍କା ଲାଗିଛି।



ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ବେଶ୍ ଅନୁଗତ ତଥା ଗାଁ ଭାଇ ଥିଲେ କିରଣ ଜେନା। ବିଜେପିରେ ତାଙ୍କର ସଂଗଠନ କଥା ବୁଝିଥାଆନ୍ତି କିରଣ ଓ ବିଭୂତି। ପୂର୍ବରୁ ତାଙ୍କ ସହ ଥିବା ଗାଁ ଭାଇ ତଥା ଜିଲ୍ଲା ବିଜେପି ଉପସଭାପତି ବିଭୂତି ଜେନା ସଂଗଠନର ସବୁ କଥା ବୁଝିଥା'ନ୍ତି। କିନ୍ତୁ ସେ ଏବେ ସ୍ମୃତିଙ୍କ ସହିତ ଆଉନାହାନ୍ତି। ସେ ବି କିଛି ଦିନ ହେଲା ରାଜନୀତିରୁ ବହୁ ଦୂରରେ ରହିଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ପହିଙ୍କ ବାମ ଓ ଡାହାଣ ହାତ କୁହାଯାଉଥିବା କିରଣ ଓ ବିଭୂତିଙ୍କ ଅନୁପସ୍ଥିତରେ ନିଜ ଗାଁରେ ଧୀରେ ଧୀରେ ଦୁର୍ବଳ ହୋଇପଡ଼ିଛନ୍ତି ସ୍ମୃତି।

ଗତ ବିଧାନସଭା ନିର୍ବାଚନ ପରେ ସ୍ମୃତି କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ନିଜ ବାପଘର କୋତପୁର ପଞ୍ଚାୟତରେ ଜିଲ୍ଲା ପରିଷଦ ଭୋଟରେ ବିଜେଡିଠାରୁ ବେଶ୍ ଆଗରେ ରହିଥିଲା ବିଜେପି। ସେହି ପଞ୍ଚାୟତରେ ବିଧାୟକ ପ୍ରଣବଙ୍କ ମାମୁଁ ଘର। ୨୦୨୩ରେ ୧୫ ନମ୍ବର୍ ଜୋନ ଜିଲ୍ଲା ପରିଷଦ ଉପନିର୍ବାଚନରେ ଏହାର ପ୍ରତିଶୋଧ ନେଇଥିଲା ବିଜେଡି। ବିଜେପି ଏହି ଜୋନରେ ଶୋଚନୀୟ ପରାଜୟବରଣ କରିବା ସହ କୋତପୁର ପଞ୍ଚାୟତରେ ସମାନ ଅବସ୍ଥା ସୃଷ୍ଟି ହୋଇଥିଲା। ସେହିଦିନଠାରୁ ଧର୍ମଶାଳା ବିଜେପିରେ ସଂଗଠନ ଦୁର୍ବଳ ହୋଇଆସୁଥିଲା।

ଅନ୍ୟପକ୍ଷରେ ବିଜେପି ଦଳରେ ହିମାଂଶୁ ଶେଖର ସାହୁ ଯୋଗ ଦେବା ପରେ ସ୍ମୃତିଙ୍କ ପତିଆରା ହ୍ରାସ ପାଇବାରେ ଲାଗିଲା। ଯଦ୍ୱାରା ତାଙ୍କ ଅନୁଗତ କର୍ମୀ ଧୀରେ ଧୀରେ ତାଙ୍କ ହାତ ଛାଡ଼ିବା ସହ ଦଳ ପରିତ୍ୟାଗ କରି ବିଜେଡି ପ୍ରତି ଆକର୍ଷିତ ହେଉଛନ୍ତି। ଧର୍ମଶାଳାରେ ଏକକ ନେତୃତ୍ୱରେ ତଥା ଶୃଙ୍ଖଳିତ ଭାବେ ଚାଲିଥିବା ବିଜେଡି ଦଳ ପ୍ରତି ଅନ୍ୟ ଦଳର କର୍ମୀଙ୍କ ଆସ୍ଥାଭାଜନ ବଢ଼ି ଚାଲିଛି। ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଦକ୍ଷତା ଉପରେ ଭରସା କରି ମଙ୍ଗଳବାର ୧୦୦ରୁ ଉର୍ଦ୍ଧ୍ୱ ବିଜେପି କାର୍ଯ୍ୟକର୍ତ୍ତା କିରଣଙ୍କ ନେତୃତ୍ୱରେ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ବିଜେପିର ବହୁ ଆଗଧାଡିର କର୍ମୀ ଦଳ ଛାଡ଼ିବା ନେଇ ଆଭାସ ମିଳିଲାଣି। ଖାଲି ମେଣ୍ଟକୁ ଅପେକ୍ଷା।

## ୧୯ ଓ ୨୦ ନମ୍ବର ଜୋନ୍ ବିଜେଡି କର୍ମୀ ବୈଠକ

**କୁନ୍ଦଲ, ୧୩।୩(ସମିସ)**

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ୧୯ ଓ ୨୦ ନମ୍ବର ଜୋନର ସମସ୍ତ ଦଳୀୟ ପଞ୍ଚାୟତ ସଭାପତି, ସରପଞ୍ଚ, ସମିତି ସଭ୍ୟ ଓ ସକ୍ରିୟ କର୍ମୀଙ୍କୁ ନେଇ ଉଦୟଗିରିଠାରେ ପୂର୍ବତନ ସରପଞ୍ଚ ତଥା ଆଇନ ସେଲ ଅଧ୍ୟକ୍ଷ ମନ୍ମଥ କେଶରୀ ସାହେବରାୟଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, ବିପିନ ବିହାରୀ ଜେନା, ପଞ୍ଚାନନ ଧଳ, ପୂର୍ବତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ତାପସ ରାୟ, କାର୍ତ୍ତିକ ମହାନ୍ତି, ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ସମର୍ଥନ କରିବା ସହ ବିପୁଳ ଭୋଟରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଅପରପକ୍ଷରେ କେତେକ



ନିର୍ବାଚିତ ପ୍ରତିନିଧି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଦଳ ବିରୋଧରେ ଅପପ୍ରଚାର କରି ବିଦ୍ରୋହ ସୃଷ୍ଟି କରିବାକୁ ଘୋର ନିନ୍ଦା କରିଥିଲେ।

ଏହି ବୈଠକରେ ବଡ଼ଚଣା ବିଜେଡି ସଂଗଠନରେ ଚକ୍ରାନ୍ତକାରୀ ଓ ବିଭ୍ରାନ୍ତିକର କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ନିନ୍ଦା କରାଯିବା ସହ ବିଜେଡି ସଂଗଠନକୁ ଅଧିକ ଶାଣିତ ଓ ସଂଗଠିତ କରିବା ପାଇଁ ସମସ୍ତ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ଏହି କର୍ମୀ ବୈଠକରେ ସେକ୍ ମୋଇନ ଅହେମ୍ମଦ, ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ନାରାୟଣ ମଲ୍ଲିକ, ପତିତପାବନ ଜେନା, ରବୀନ୍ଦ୍ର ଭଞ୍ଜ, ରଞ୍ଜିତ ସାମଲ, ଅମୂଲ୍ୟ ଦାସ, ହିମାଂଶୁ ଦେଓ, ସୁମନ୍ତ କୁମାର ଜେନା, ଅନିରୁଦ୍ଧ ସାମଲ, ପ୍ରଫୁଲ୍ଲ ବାରିକ, ଅନୀଲ ପରିଡ଼ା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

## ପଣ୍ଡରା ନାଳ ବିଜୁ ସେତୁ ଲୋକାର୍ପିତ

**ସୁକିନ୍ଦା, ୧୩।୩ (ସମିସ)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁରସ୍ଥିତ ପଣ୍ଡରା ନାଳ ଉପରେ ନବନିର୍ମିତ ବିଜୁ ସେତୁ ଲୋକାର୍ପଣ ହୋଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସେତୁର ଲୋକାର୍ପଣ କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କ ସହ ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ କେଶରୀ ପଟ୍ଟନାୟକ, ବ୍ଲକ ସଭାପତି ବିବେକାନନ୍ଦ ବୋଷ, ସମିତିସଭ୍ୟା ସୋନାଲି ପରିଡ଼ା, ମହିଳା ନେତ୍ରୀ ତପସ୍ୱିନୀ ମଲ୍ଲିକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ଘଡାଇଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ ନଦୀକୂଳ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ଆଶା ଆଜି ପୂରଣ ହୋଇଥିବାରୁ ସ୍ଥାନୀୟ ଜନସାଧାରଣ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



**ଯଖପୁରା, ୧୩।୩ (ସମିସ):** ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ। ଆଉ କିଛିଦିନ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନକୁ ନେଇ ରାଜ୍ୟଠାରୁ ଆରମ୍ଭ କରି ଗାଁରେ ରାଜନୀତି ଉଷ୍ମତା ଲାଗିରହିଛି। ସମସ୍ତ ଦଳ ସଭା ସମିତି କରିବାରେ ବ୍ୟସ୍ତ ରହିଥିବାବେଳେ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହିତ କିଛି କାର୍ଯ୍ୟର ତ୍ୱରିତ ସମାଧାନ କରି ଅର୍ଥ ମଞ୍ଜୁର କରୁଛନ୍ତି। ଦାନଗଦି ବ୍ଲକ ଅଧୀନସ୍ଥ କୁମ୍ଭିରଗାଡ଼ିଆ ପଞ୍ଚାୟତର ମାରୁଟିକର ଗ୍ରାମର ଜିନ୍ଦଲ କମ୍ପାନୀ ପକ୍ଷରୁ ନିର୍ମିତ ହୋଇଥିବା ଅତିରିକ୍ତ ଶ୍ରେଣୀ ଗୃହ ସହିତ କୁମ୍ଭୀରଗଡ଼ିଆ ଗ୍ରାମରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ହୋମିଓପାଥିକ ଡାକ୍ତରଖାନା ଗୃହ ଉଦଘାଟନ କରିଛନ୍ତି।

ଏଥିସହିତ ପଙ୍କପାଳ ପଞ୍ଚାୟତର ଅସନବାହାଲି ଗ୍ରାମରେ ଟାଟା କମ୍ପାନୀ ପକ୍ଷରୁ ଏକ ଲକ୍ଷ ସତୁରି ହଜାର ଟଙ୍କା ବ୍ୟୟରେ ଠାକୁରାଣୀ ମଣ୍ଡପର ଉଦ୍‌ଘାଟନ କରିଛନ୍ତି। ଆଗାମୀ ଦିନରେ ଠାକୁରାଣୀ ପୀଠର ଉନ୍ନତିକରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନେକ ସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ। ମା' ଖଣ୍ଡୁରାଇ ମଣ୍ଡପ ଖୁବଶୀଘ୍ର ସାରିଥିବାରୁ ଅସନବାହାଲି ଗ୍ରାମର ସମସ୍ତ ମହିଳା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଶୀଘ୍ର ଖଣ୍ଡୁରି ପୀଠର ଚାରିପଟ ଫେବର ଟାଇଲ ବିଛାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବିଭିନ୍ନ ସମସ୍ୟା ନେଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ



**ଧର୍ମଶାଳା, ୧୩।୩(ସମିସ)**

ଧର୍ମଶାଳାରେ ଜନଜୀବନ ପ୍ରସଙ୍ଗଭିତ୍ତିକ ରାଜନୀତି କରିଆସିଥିବା ବିଜେଡି ନେତା ସତୀଶ ବିଶ୍ୱାଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଧର୍ମଶାଳାର ମୌଳିକ ସମସ୍ୟା ନେଇ ଆଜି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଅବସରରେ ଜାରକାରୁ ଏକ ବିଶାଳ ଶୋଭାଯାତ୍ରାରେ ଯିବା ସହ ଏକ ପଥପ୍ରାନ୍ତ ସଭାରେ ସତୀଶ ଉଦବୋଧନ ଦେଇ କହିଥିଲେ, ବଜେଟରେ ଅର୍ଥ ଅନୁମୋଦନ ପରେ ବି ଡଙ୍କାରୀ ଭୂତଳ ତୈଳ ପ୍ରକଳ୍ପ ଦୀର୍ଘବର୍ଷ ଧରି ନ ହେବା ନେଇ ପ୍ରଧାନମନ୍ତ୍ରୀଙ୍କ ନିରବତା ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି। ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅକ୍ଳାନ୍ତ ପରିଶ୍ରମରେ କଟକ ବାଦାମବାଡି ଓ ଭୁବନେଶ୍ୱର ବସ୍‌ଷ୍ଟାଣ୍ଡ ଭଳି ବହୁ ଦୃଷ୍ଟାନ୍ତମୂଳକ ଉନ୍ନୟନ କାର୍ଯ୍ୟ ହୋଇଛି। ରସୁଲପୁର ବ୍ଲକ ବାରବାଟୀରେ ସରକାରୀ ଶୀତଳଭଣ୍ଡାର ନିର୍ମାଣ, ଅଞ୍ଜିରା ଅଞ୍ଚଳର ଜଙ୍ଗଲ କିସମ ଜମିକୁ ପୁନଶ୍ଚ ରାଜସ୍ୱ ବିଭାଗ ଅଧୀନକୁ ଅଣାଯିବା, ରସୁଲପୁରର ଦପା ନାଳ ଓ ଧର୍ମଶାଳା ଶଗଡ଼ିଆ ନାଳ ପୁନରୁଦ୍ଧାର, ଧର୍ମଶାଳାର ବିଧାୟକ ଓ ତାଙ୍କର ଆଙ୍ଗୁଠି ଗଣତି ଅନୁଗତଙ୍କ କୋଟି କୋଟି ଟଙ୍କାର କଳାଟଙ୍କାକୁ ଦେଶକୁ ଫେରାଇ ଅଣାଯିବା ଧର୍ମଶାଳାର ପାହାଡ ପର୍ବତ ସୁରକ୍ଷା ଓ ପାହାଡ ଅଞ୍ଚଳର ଲୋକଙ୍କୁ କଳାପଥର ବ୍ୟବସାୟରେ ଅଗ୍ରାଧିକାର, ବେଆଇନ ପାହାର ଖନନ ନେଇ ହୋଇଥିବା କୋଟି କୋଟି ଟଙ୍କାର ଜରିମାନା ଆଦାୟ ଓ ଏ ବାବଦରେ ଠୁଳ ହୋଇଥିବା କଳାଟଙ୍କା ନେଇ ଆୟକର, ଅର୍ଥନୈତିକ ଅପରାଧ ଶାଖାର ଖେଳତାଡ଼, ଧର୍ମଶାଳାର ବେକାର ଯୁବକଙ୍କୁ ରାମକୋରେ ୫୦ ଭାଗ ସ୍ଥାୟୀ ନିଯୁକ୍ତି, ଧର୍ମଶାଳା ସଂଲଗ୍ନ କଳିଙ୍ଗନଗର ଶିଳ୍ପରେ ଧର୍ମଶାଳା ଯୁବକକୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତ, ଧର୍ମଶାଳାର ବେକାର ଯୁବକ, ମହିଳା, ଶ୍ରମିକଙ୍କ ଆତ୍ମନିଯୁକ୍ତି ପାଇଁ ସ୍ୱତନ୍ତ୍ର ଯୋଜନା, କୃଷି ଓ କୃଷକଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଜଳସେଚନ ଯୋଜନା, ବୌଦ୍ଧ କୀର୍ତ୍ତି ପାହାଡର ବିକାଶ ଓ ସୁରକ୍ଷା, ଧର୍ମଶାଳାର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ଟେଣ୍ଡରଫିକ୍ସିନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ହଜାର ହଜାର ସମର୍ଥକ ସାମିଲ ହୋଇଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୈଠକ

**ବଡ଼ଚଣା, ୧୩।୩ (ସମିସ)**

ବଡଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ୬୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଷଷ୍ଠ ମାସିକ ବୈଠକ ସିଦ୍ଧ ମହାପୁରୁଷ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବ୍ଲକ ଶିକ୍ଷାଧିକାରୀ ସବିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ନିବେଦିତା ପାଣି ଯୋଗଦେଇ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବା ସହିତ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରତି ଅକୃଷ୍ଟ କରିବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି କରିବା ପାଇଁ ଏକ କାର୍ଯ୍ୟକ୍ରମ 'ଶପଥ'ର ଶୁଭାରମ୍ଭ କରିଥିଲେ। ଏଥିସହିତ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷାର ଆବଶ୍ୟକତା ଓ ଏହାର ବିଭିନ୍ନ ନିୟମ, ଯୋଜନା ଉପରେ ଗୁରୁତ୍ୱାରୋପ କରିବା ସହିତ ଆଭାସୀ ମାଧ୍ୟମରେ ସଡ଼କ ସୁରକ୍ଷା ଉପରେ ବିଭିନ୍ନ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ନୂଆଗାଁସ୍ଥ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈତାରୀ ମଲ୍ଲିକ ପଦୋନ୍ନତି ପାଇ ବାଲେଶ୍ୱର ଜିଲ୍ଲାର ସହକାରୀ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବାରୁ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଓ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ତାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସହଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ପ୍ରଧାନ ଶିକ୍ଷକ ଖଗେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



## ଚୋରା କାରବାର ନେଇ ବଢ଼ୁଛି ଅସନ୍ତୋଷ

# ବିନା ନିଲାମରେ ଚାଲିଛି ବାଲିଘାଟ

**ଅସୁରାଳି, ୧୩।୩(ସମିସ)**

ଧାମନଗର ବ୍ଲକ କୋଚିଳା ଓ ବୈତରଣୀ ନଦୀ ଅବବାହିକାରୁ ଚୋରା ବାଲି ଚାଲାଣ ଅବାଧରେ ଚାଲିଥିବା ନଜରକୁ ଆସୁଛି। ବାଲି ମାଫିଆମାନେ ବେଧଡ଼କ ସେମାନଙ୍କ କାରବାର ଚଳାଇଛନ୍ତି। ନା ସେମାନଙ୍କର ଆଇନ୍ କାନୁନ୍ ପ୍ରତି ଖାତିର ଅଛି ନା ପ୍ରଶାସନ କୁ ଡର! ଧାମନଗର ତହସିଲ ଅଧୀନସ୍ଥ ଲୋକନାଥପୁର ଓ ଅନଳଡିହଠାରେ କୋଚିଳା ନଦୀରୁ ଶହଶହ ଟ୍ରକ୍ ଓ ଟ୍ରାକ୍ଟରରେ ପ୍ରତିଦିନ ଚୋରା ବାଲି ଚାଲାଣ ହେଉଥିବା ବେଳେ ଅଚକ ଅଞ୍ଚଳର ବାମ ପାର୍ଶ୍ୱରେ ବୈତରଣୀ ନଦୀ କୂଳେ



କୂଳେ ପ୍ରତିଦିନ ଚୋରାବାଲି ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ହାସନାବାଦ, ପଙ୍ଗଡା, ମଠ ଡିହ, ବାସୁଦେବ ପୀଠ ପ୍ରମୁଖ ସ୍ଥାନରୁ ବନ୍ଧରୁ ଗୋଳା କାଟି କୋଟି କୋଟି ଟଙ୍କାର ରାଜସ୍ୱ ହାନୀ କରାଯାଉଛି। ଏହି ନଦୀବନ୍ଧରେ ଟ୍ରାକ୍ଟର ଯିବା ଦ୍ୱାରା ସ୍କୁଲ୍ କଲେଜ୍‌କୁ ଯାଉଥିବା ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୀରେ ଧୀରେ ନଦୀ ତାର ଗତି ପଥ ବଦଳାଇ ଗାଁ ମୁହାଁ ହେବାକୁ ଲାଗିଲାଣି। ଏଥିପାଇଁ ନଈ କୂଳିଆ ଲୋକ ମଧ୍ୟ ଅଜଣା ଜଳମଗ୍ନ ଭୟରେ ରହୁଛନ୍ତି। ନଦୀବନ୍ଧ ଉପରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ପଡ଼ିବା ସହିତ ନଦୀ ପଠା ଗୁଡ଼ିକ ଅତଡ଼ା ଖସି ନଦୀ ଭିତରେ ଲିନ ହେବାକୁ ବସିଲାଣି। ଯଦି ଅବିଳମ୍ବେ ପ୍ରଶାସନ ଏହି ଚୋରା ବାଲି ଚାଲାଣ କୁ ବନ୍ଦ କରିବା ପାଇଁ ପଦକ୍ଷେପ ନ ନିଏ ତେବେ ଏହା ବିରୋଧରେ ଜନଆନ୍ଦୋଳନ ସୃଷ୍ଟି ହେବ ଓ ସାଧାରଣ ଲୋକ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଧୂଷୁରୀ ଅଞ୍ଚଳର ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଧାମନଗର ତହସିଲଦାର ଦୀପକ ଦାସଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଡିଗି ପାର୍କର ଉଦ୍‌ଘାଟନ କଲେ ସାଂସଦ

**ଧାମନଗର, ୧୩।୩(ସମିସ):** ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଅଧୀନ ପଦ୍ମପୋଖରୀ ନିକଟସ୍ଥ ଐତିହାସିକ ଡିଗି ପାର୍କର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ବୁଧବାର ଅପରାହ୍ନରେ ସମ୍ମାନିତ ଅତିଥି ତଥା ଉଦ୍‌ଘାଟିକା ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗକ୍ରମେ ପଞ୍ଚାୟତ ସମିତି ମାଧ୍ୟମରେ ବିଭିନ୍ନ ଯୋଜନାରେ ଏକ ସୌନ୍ଦର୍ଯ୍ୟକରଣର ପାର୍କ କରାଯାଇଛି ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଧାମନଗର ବ୍ଲକ ଅଞ୍ଚଳରେ ଏକ ଭଲ ପାର୍କ ହେବା ପାଇଁ ଜାଗାଥିଲା, ତେଣୁ କରାଯାଇଛି। ଏଠି ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ



ବୋଲି କହିଛନ୍ତି। ଏସ୍‌ପି ବରୁଣ ଗୁଣ୍ଟୁପଲି ଯୋଗଦେଇ ଏହି ଏକ ସୁନ୍ଦର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବୀନ ଓଡ଼ିଶା, ମୋ ଓଡ଼ିଶା ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦାପ୍ରସନ୍ନ ସାହୁ, ହରେକୃଷ୍ଣ ପାଢ଼ୀ, ପ୍ରତାପ ସାମଲ, ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର ଦୀପକ କୁମାର ଦାସ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ସମିତିସଭ୍ୟ ସୁଦୀପ୍ତ ଖଟୁଆ, ବ୍ଲକ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ନାଥ ନାୟକ, ପିଇଓ ପ୍ରକାଶ ନାୟକ, ଏପିଇଓ ପିୟୁସ୍ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏସି ତାଲିକାରୁ ବନ୍ତକୁ ଉପେକ୍ଷା

# ଅଞ୍ଚଳବାସୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

**ବନ୍ତ/ଆଗରପଡ଼ା, ୧୩।୩(ସମିସ):** କିଛିଦିନ ତଳେ ରାଜ୍ୟ ସରକାର ଜନ ସଂଖ୍ୟାର ଘନତା ଓ ଆୟତନକୁ ନେଇ ବିଭିନ୍ନ ବ୍ଲକରେ ୩୫ଟି ନୂତନ ଏନଏସସି ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଭଦ୍ରକ ଜିଲ୍ଲାର ବ୍ଲକ ମଧ୍ୟରେ ବନ୍ତ ବ୍ଲକ ଅନ୍ୟତମ ହୋଇଥିବାବେଳେ ବନ୍ତକୁ ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରାଯାଇଛି। ଏହି ବ୍ଲକକୁ ରାଜ ନେତାଙ୍କର ପେଣ୍ଠସ୍ଥଳୀ କହିଲେ ଅତ୍ୟୁକ୍ତି ହେବନି। କାରଣ ଏଠାରେ ବିଭିନ୍ନ ଆଗ ଧାଡିର ନେତାମାନେ ବିଭିନ୍ନ ସମୟରେ ନିର୍ବାଚନରେ ବିଜୟୀ ହୋଇ ବିଧାୟକ, ସାଂସଦ ଏବଂ ମନ୍ତ୍ରୀ ପଦରେ ରହି ନିଜର କ୍ଷମତା ବିସ୍ତାର କରିଛନ୍ତି। ହେଲେ ଏ ଅଞ୍ଚଳର ଦୀର୍ଘ ଦଶନ୍ଧି ଧରି ମୁଣ୍ଡଟେକି



ଉଠିଥିବା ମୁଖ୍ୟ ସମସ୍ୟାର ସୁଧାର ଆସିନି। ଅନ୍ୟପକ୍ଷରେ ଉକ୍ତ ଅଚଳ ମଧ୍ୟ ଏନଏସସି ପାଇବାକୁ ହକ୍‌ଦାର ଥିବା ବେଳେ ତାହାକୁ ମଧ୍ୟ ଉପେକ୍ଷା କରାଯାଇଛି। ଏହାକୁ ନେଇ ଉକ୍ତ ଅଂଚଳର ଜନସାଧାରଣ ଓ ବୁଦ୍ଧିଜୀବୀ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ଲକ ଅଧୀନରେ ବିଭାଗର ସରକାରୀ କାର୍ଯ୍ୟାଳୟ ସମେତ ୪ଟି ବ୍ୟାଙ୍କ, ଉପଡ଼ାକଘର, ସ୍କୁଲ୍, କଲେଜ, ବ୍ୟବସାୟ ପ୍ରତିଷ୍ଠାନ ତଥା ବୈଷୟିକ ଶିକ୍ଷାନୁଷ୍ଠାନ, ସହ ନୂତନ ଭାବେ କାର୍ଯ୍ୟକାରୀ ହେବାକୁ ଥିବା କୋର୍ଟ ମଧ୍ୟ ରହିଛି। ଏହା ମଧ୍ୟମ ଭାଗରେ ୫୩ ନଂ. ଭଦ୍ରକ-କେନ୍ଦୁଝର ରାଜ୍ୟ ରାଜପଥ ଗତି କରିଛି। ସମସ୍ତ ଦୃଷ୍ଟିକୋଣରୁ ଏହା ଉନ୍ନତ ଥିଲେ ମଧ୍ୟ ଏନ୍‌ଏସ୍‌ସି ମାନ୍ୟତା ଦେବାରେ କି ଅସୁବିଧା ରହିଛି ବୋଲି ବୁଦ୍ଧିଜୀବୀ ଓ ସାଧାରଣ ନାଗରିକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏହି ଅବସରରେ ଯୁବ ସମାଜସେବୀ ଲକ୍କି ମାଷ୍ଟର ସ୍ୱାଇଁଙ୍କ ଆବାହକତ୍ୱରେ ବନ୍ତଠାରେ ବୈଠକରେ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ, ସାହିତ୍ୟିକ ଗଣେଶ ପ୍ରସାଦ କର ଶର୍ମା, ଡ. ସୁଭେନ୍ଦ୍ର ମିଶ୍ର, ତ୍ରିଲୋଚନ ପଣ୍ଡା, ଅକ୍ଷୟ ଜେନା, ସୀତାରାମ ପତି, ସୁଧାଂଶୁ ମହାନ୍ତି, ଡ.ମୁରଲୀ ଧର ସୂତାର, ଟିଲୋ ସରପଞ୍ଚ ସଂଗ୍ରାମ ଜେନା, ଦୁଲା ଖାଁ, ବିଜୟ ନାୟକ, ନାରାୟଣ ରାଉତ, ବଜାର କମିଟି ସଭ୍ୟ ରଘୁନାଥ ରଣା, ଖଗେଶ୍ୱର ବରାଳ, ନୃସିଂହ ପରିଡ଼ା, ରମାକାନ୍ତ ପାଣିଗ୍ରାହୀ, ଅଖିଳ ସାହୁ, ଲକ୍ଷ୍ମୀଧର କର, ବସନ୍ତ ବିଶ୍ୱାଳ, ଶ୍ରୀରାମ ଦାସ, ସୁଧାକର ଧଳ, ହରମୋହନ ବେହେରା, ଯଶୋବନ୍ତ ସାହୁ, ପର୍ଶୁରାମ ସାହୁ, ଅମରଜିତ ସ୍ୱାଇଁ, ଧନେଶ୍ୱର ଧଳ, ରମେଶ ଜେନା, ବସନ୍ତ କରଙ୍କ ସହ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବ୍ଲକରେ ଜନସଂଖ୍ୟାର ଘନତା ଓ ଆୟତନକୁ ନେଇ ୩୫ଟି ନୂତନ ଏନ୍‌ଏସ୍‌ସି ପ୍ରତିଷ୍ଠା କରିବାକୁ ଉଦ୍ୟମ କରିଥିବାବେଳେ ବନ୍ତକୁ କଣ ପାଇଁ ଉପେକ୍ଷା କରାଗଲା ଏହାକୁ ନେଇ ଆଲୋଚନା ହେବା ସହ ବନ୍ତକୁ ଏନଏସସିର ମାନ୍ୟତା ଦେବାକୁ ଦାବି ହୋଇଥିଲା।

# ହାଇସ୍କୁଲ ବାର୍ଷିକ ଉତ୍ସବ ଓ ନୂତନ ଗୃହ ଉଦ୍‌ଘାଟିତ

**ବନ୍ତ, ଆଗରପଡ଼ା, ୧୩।୩(ସମିସ):** ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବସନ୍ତିଆ ପଞ୍ଚାୟତ ହାଇସ୍କୁଲର ବିଂଶତମ ବାର୍ଷିକ ଉତ୍ସବ ପାଳିତ ହେବା ସହ ନୂତନ ଗୃହ ଉଦ୍‌ଘାଟନ ମଧ୍ୟ ହୋଇଯାଇଛି। ପରିଚାଳନା କମିଟି ପ୍ରାକ୍ତନ ସଭାପତି ଦୀନବନ୍ଧୁ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସରପଞ୍ଚ ଅଶୋକ ସାହୁ, ଯୁବନେତା ସ୍ମୃତିରଞ୍ଜନ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ପଣ୍ଡା, ଲକ୍ଷ୍ମୀକାନ୍ତ ମହାପାତ୍ର, ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବେହେରା, ଉ.ପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଲୋକ ପ୍ରଧାନ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିବାବେଳେ ଲକ୍ଷ୍ମୀଧର ପଣ୍ଡା ବାର୍ଷିକ ବିବରଣୀ ପାଠ, ସଭାପତି ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ବିଦ୍ୟାଳୟ ବ୍ଲକସ୍ତରୀୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସ୍ଥାନୀତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବାରୁ ଉକ୍ତ ବିଦ୍ୟାଳୟର ସଭାପତି, କୃତି ଛାତ୍ରଛାତ୍ରୀ ଓ ପ୍ରଧାନଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ୫-ଟି ଯୋଜନା ମାଧ୍ୟମରେ ନିର୍ମାଣ ହୋଇଥିବା ନୂତନ ଗୃହକୁ ଅତିଥିମାନେ ଉଦ୍ଘାଟନ କରିଥିଲେ। ଶିକ୍ଷକ ପଦ୍ମନାଭ ବେହେରା, କଲ୍ୟାଣ ରାଉତରାୟ, ନାରାୟଣ ପୃଷ୍ଟି, ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି, ସ୍ୱାଗତିକା ମଲ୍ଲିକ ଓ କର୍ମଚାରୀ ନନ୍ଦ କିଶୋର ପଣ୍ଡା, ବୁଦ୍ଧିରାମ ସାହୁ ଏବଂ ତ୍ରିଲୋଚନ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ରାମକୃଷ୍ଣଙ୍କ ଜୟନ୍ତୀ ପାଳିତ

**ମଞ୍ଜୁରୀ ରୋଡ୍, ୧୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ବିଶୋଳ ବସୁଳାଇ ପୀଠ ରାମକୃଷ୍ଣ ଶାରଦା ଆଶ୍ରମ ଠାରେ ସ୍ୱାମୀ ରାମକୃଷ୍ଣଙ୍କ ୧୮୯ତମ ଜୟନ୍ତୀ ପାଳିତ ହୋଇଛି। ଆଶ୍ରମ ମୁଖ୍ୟ ତତ୍ତ୍ୱାବଧାରକ ସ୍ୱାମୀ ରାମେଶ୍ୱରା ନନ୍ଦଙ୍କ ଦ୍ୱାରା ବୈଦିକମତେ ପୂଜା



ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଗ୍ରାମ ସମେତ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ଗରିବ ଓ ଅସହାୟ ବୃଦ୍ଧା ମାନଙ୍କୁ ବସ୍ତ୍ର ବିତରଣ କରଯାଇଥିଲା। ଏହାଛଡା ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଆଶ୍ରମ ପକ୍ଷରୁ ପାଠ୍ୟଉପକରଣ ବଣ୍ଟନ କରାଯାଇଥିଲା। ଆୟୋଜିତ ଉତ୍ସବକୁ ବ୍ରହ୍ମଚାରିଣୀ ଦେବବ୍ରତୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

# କଲ୍ୟାଣ ମଣ୍ଡପ ପାଇଁ ଭିତ୍ତିପ୍ରସ୍ତର

**ବାରିକପୁର, ୧୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସାନ ଶାସନ ପଞ୍ଚାୟତ ସୁବାବାଜଠାରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି।



ସମାଜସେବୀ ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଯୋଗଦେଇ କଲ୍ୟାଣ ମଣ୍ଡପ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟ କରାଯାଇ ନିର୍ମାଣ କାର୍ଯ୍ୟଆରମ୍ଭ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ଜଣାପଡ଼ିଛି। ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ମଧୁସ୍ମିତା ସାହୁ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଦେବେନ୍ଦ୍ର ଦାସ, ରବିନାରାୟଣ ରାଉତ, ଗୌରାଙ୍ଗ ଚରଣ ସାହୁ, ଉଦ୍ଧବ ଜେନା, ସନ୍ତୋଷ ନାୟକ, କାମିନୀ ବେହେରା, ଭାସ୍କର ରଣା, ଚିନ୍ତାମଣି ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ● ଗୌରବ ଆଣିଲେ ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା

# ଇଣ୍ଡିଆନ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ଅଧିକାର

**ଅସୁରାଳି, ୧୩।୩(ସମିସ):** ଧାମନଗର ବ୍ଲକ କଟସାହି ପଞ୍ଚାୟତ ଅଧୀନ ବଉଳନାଳି ଶାସନରେ ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡା ଚିତ୍ରକଳାରେ ନିଜସ୍ୱ ପ୍ରତିଭା ମାଧ୍ୟମରେ ଇଣ୍ଡିଆନ ବୁକ୍ ଅଫ୍ ରେକର୍ଡ ୨୦୨୪ରେ ସ୍ଥାନ ପାଇ ନିଜ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ସେ ସ୍ୱାଧୀନତା ସଂଗ୍ରାମୀ ରମାନାଥ ପଣ୍ଡାଙ୍କ ଅଣନାତୁଣୀ ଏବଂ ପିତା ଆଇନଜୀବି ସ୍ନେହାଶିଷ ପଣ୍ଡା, ମାତା ଶାଖା ଡାକଅଧିକାରିଣୀ ତିଳୋତମା ମିଶ୍ରଙ୍କର ଜ୍ୟୋଷ୍ଠ କନ୍ୟା ଅଟନ୍ତି। ୨୦୦୫ ମସିହା ଏପ୍ରିଲ ୧୭ ତାରିଖ ରେ ଜନ୍ମିତ କ୍ରିତିକ୍ରିଷ୍ଣା ପ୍ରଥମେ ଶ୍ରୀ ବୈରାଗୀ ସରସ୍ୱତୀ





ଶିଶୁମନ୍ଦିର ଆସୁରାଳୀରେ ନିଜର ଶିକ୍ଷା ଆରମ୍ଭ କରି ପରେ ଭଦ୍ରକ ସରକାରୀ ବାଳିକା ବିଦ୍ୟାଳୟରେ ଦଶମଶ୍ରେଣୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ପରେ ବିନାୟକରେ ପାଠ ଶେଷ କରି ଏବେ ଭଦ୍ରକ ଚାରୁ ଓ କାରୁ କଳା ମହାବିଦ୍ୟାଳୟ ର ଦ୍ୱିତୀୟ ବର୍ଷର ଛାତ୍ରୀ ଅଟନ୍ତି। ପିଲାଟି ଦିନରୁ ଚିତ୍ରକଳା ପ୍ରତି ଅନୁରକ୍ତି ହୋଇ ଜଣେ ସଫଳ ଚିତ୍ରଶିଳ୍ପୀ ଭାବେ ନିଜକୁ ପରିଚିତ କରିବାପାଇଁ ସେ ଅଦ୍ୟାବଧି ଅକ୍ଳାନ୍ତ ଉଦ୍ୟମ କରିଆସିଛନ୍ତି। ଭଦ୍ରକ ସରକାରୀ ବାଳିକା ବିଦ୍ୟାଳୟରେ ଅଧ୍ୟୟନ ବେଳେ ସରକାରୀ ଓ ବେସରକାରୀସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସହ ବ୍ଲକସ୍ତରରୁ ଜିଲ୍ଲା, ପରେ ରାଜ୍ୟ ଓ ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣ, ରୌପ୍ୟ, ଓ ବ୍ରୋଞ୍ଜ ପଦକ ଲାଭ କରିବାସହ ଆଗକୁ ଆଗକୁ ବଢ଼ିବାକୁ ଲାଗିଲେ ପରେ ପରେ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ଚିତ୍ରକଳା ପ୍ରତିଯୋଗିତା ରେ ଭାଗ ନେଇ ମଧ୍ୟ ସଫଳତା ଲାଭ କରିବାସହ ଓଡ଼ିଶା ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଭେଟି ନିଜର ଚିତ୍ରକୃତି ପ୍ରଦାନ କରି ପ୍ରଶଂସାର ପାତ୍ରୀ ହୋଇପାରିଛନ୍ତି।

# ବାସୁଦେବପୁରରେ ଖୋଲିଲା ପ୍ରଥମ ନର୍ସିଂହୋମ

**ବାସୁଦେବପୁର, ୧୩।୩(ସମିସ):** ବାସୁଦେବପୁର ପୌରପାଳିକାର ଏମ୍‌ଏଲଏ କଲୋନୀ ପରିସରରେ ପ୍ରଥମ ବେସରକାରୀ ହସ୍‌ପିଟାଲ 'ଆର୍ଯ୍ୟ' ଉଦ୍‌ଘାଟିତ ହୋଇ ଯାଇଛି। ଆୟୋଜିତ ଉତ୍ସବର ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସିଡିଏମଓ ଡାକ୍ତର ସନ୍ତୋଷ କୁମାର ପାତ୍ର, ପୌରପାଳିକାର ଅଧ୍ୟକ୍ଷ ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ, ଆର୍ଯ୍ୟ ହସ୍‌ପିଟାଲର ପରିଚାଳନା ନିର୍ଦ୍ଦେଶକ ଅସିତ କୁମାର ଦାଶ, କାଉଁସିଲର ଜୟନ୍ତୀ ସାହୁ, ରଶ୍ମିତା ନାୟକ, ମାନସ ରଞ୍ଜନ ସାହୁ, କାଳନ୍ଦୀ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବାସୁଦେବପୁର ମେଡିକାଲ ଉପରେ ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ, ପୌରପାଳିକାର ୨୩ ୱାର୍ଡ ଜନସାଧାରଣଙ୍କ ସହିତ ଧାମରା ଆଠ ପଞ୍ଚାୟତ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଚାଳଚୁଆ ଅଞ୍ଚଳର ଜନସାଧାରଣ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ପାଇଁ ନିର୍ଭର



କରିଥାନ୍ତି। କୌଣସି ରେଫର ହେଲେ ଭଦ୍ରକର ନର୍ସିଂହୋମ ଉପରେ ନିର୍ଭର କରନ୍ତି। ଏବେ ଆଉ ରୋଗୀଙ୍କ ଚିକିତ୍ସା ପାଇଁ ଭଦ୍ରକର ନର୍ସିଂହୋମ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। କଟକ ଓ ବାଲେଶ୍ୱର ଜିଲ୍ଲାର ଅଭିଜ୍ଞ ଡାକ୍ତରଙ୍କ ସହଯୋଗରେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯିବ। ସହଜ ଓ ହାତପାନ୍ତରେ ରୋଗୀ ସେବା ଯୋଗାଇ ଦିଆଯିବ ବୋଲି ପରିଚାଳନା ନିର୍ଦ୍ଦେଶକ କହିଛନ୍ତି।

# ମୋହନପୁର ଗ୍ରାମରେ ସୁନାମୀ ମକ୍ ଡ୍ରିଲ

**ବାସୁଦେବପୁର, ୧୩।୩(ସମିସ):** ପ୍ରାକୃତିକ ବିପର୍ଯ୍ୟୟର ବଳୟ ମଧ୍ୟରେ ରହିଛି ଉପକୂଳ ଓଡ଼ିଶା। କେତେବେଳେ ବନ୍ୟା ତ ପୁଣି କେତେବେଳେ ବାତ୍ୟା ର ଭୟ। ଏବେ ଘାରିଛି ସୁନାମୀର ଭୟ। ଧନ ଜୀବନ କ୍ଷୟକ୍ଷତିକୁ ରୋକିବା ପାଇଁ ରାଜ୍ୟ ସରକାର ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଛି ପ୍ରାକୃତିକ ବିପର୍ଯ୍ୟୟ ସଚେତନତା କାର୍ଯ୍ୟକ୍ରମ। ଗ୍ରାମବାସୀଙ୍କୁ ସୁନାମୀର ପ୍ରକୋପରୁ ରକ୍ଷା କରିବା ସହିତ ଜିରୋ କାଜୁଆଲଟି କରିବାକୁ ରହିଛି ମୁଖ୍ୟ ଲକ୍ଷ୍ୟ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ପଦୁଆଁ ପଂଚାୟତର ମୋହନପୁର ସୁନାମୀ ପ୍ରଭାବିତ ଗ୍ରାମରେ ରିଲାଏନ୍ସ ଫାଉଣ୍ଡେସନ ଓ ବାସୁଦେବପୁର ଲାଇଫ ଲାଇନ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ସହଯୋଗରେ ବିପର୍ଯ୍ୟୟ ପ୍ରଶମନ ସଚେତନତା କାର୍ଯ୍ୟକ୍ରମରେ



ଅନୁଷ୍ଠିତ ହୋଇଛି ସୁନାମୀ ମକ ଡ୍ରିଲ। ଆୟୋଜିତ ମକ୍ ଡ୍ରିଲ କାର୍ଯ୍ୟକ୍ରମରେ ରିଲାଏନ୍ସ ଫାଉଣ୍ଡେସନ ଦିବ୍ୟକାନ୍ତ ନାୟକ, ସଞ୍ଜୀବ କୁମାର ବେହେରା, ଲାଇଫ୍ ଲାଇନର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, ପ୍ରଶିକ୍ଷକ ଭରତ ନାୟକ, ଭାଗିରଥି ପଲାଇ, ସନ୍ଧ୍ୟାରାଣୀ ବାରିକ, ଆପଦମିତ୍ର ଚନ୍ଦନ ମହାଲିକ, ମୋହନପୁର ରେଡକ୍ରସ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ବିଷ୍ଣୁମୋହନ ପୃଷ୍ଟି, ସୁନାମୀ ପରିଚାଳନା କମିଟିର ସମ୍ପାଦକ ଗଦାଧର ବାରିକ ଯୋଗଦେଇଥିଲେ। ମୋହନପୁର ରେଡକ୍ରସ ବାତ୍ୟା ଆଶ୍ରୟସ୍ଥଳୀ ପରିସର ମଧ୍ୟରେ ଗ୍ରାମର ମାନଚିତ୍ର ଅଙ୍କନକରି ଥିଲେ। ସୁନାମୀ ଆସିଲେ ଗ୍ରାମବାସୀମାନେ ସୁରକ୍ଷିତ ଭାବେ ନିରାପଦ ଆଶ୍ରୟସ୍ଥଳୀର ପହଞ୍ଚିବେ ମ୍ୟାପ୍ ମାଧ୍ୟମରେ ବୁଝାଇ ଥିଲେ। ଜନ ସଚେତନ ହେଲେ ସୁନାମୀ ପ୍ରଭାବିତ ଅଂଚଳର ଧନ ଜୀବନ କ୍ଷୟକ୍ଷତିକୁ ହ୍ରାସ କରାଯାଇ ପାରିବ। ବାସୁଦେବପୁର ବ୍ଲକର ସୁନାମୀ ପ୍ରଭାବିତ ଅଂଚଳ ମଧ୍ୟରୁ ରାଧାକାନ୍ତପୁର, କସିଆ ଓ ପାଂଚଘେରିଆ ଗ୍ରାମର ରିଲାଏନ୍ସ ଫାଉଣ୍ଡେସନ ଓ ଲାଇଫ୍ ଲାଇନର ମିଳିତ ସହଯୋଗରେ ସୁନାମୀ ମକ ଡ୍ରିଲ ଅନୁଷ୍ଠିତ ହେବ।

# ପାଦ ଚଲା ପୋଲର ଶିଳାନ୍ୟାସ

**ଭଣ୍ଡାରିପୋଖରୀ/ବାରିକପୁର, ୧୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନଗୁଆଁ ପଞ୍ଚାୟତ ପାହିମହୁରା ଛକ ଠାରେ ପାଦ ଚଲା ପୋଲ ପାଇଁ ବୁଧବାର ଦିନ ଶିଳାନ୍ୟାସ କରାଯାଇଛି। ଜାତୀୟ ରାଜପଥର ଉକ୍ତ ସ୍ଥାନରେ ଏକ ପୋଲ ପାଇଁ ସ୍ଥାନୀୟ ଲୋକେ ଦୀର୍ଘ ଦିନ ହେବ ଦାବି ଜଣାଇଥିଲେ। ଦାବି ଅନୁଯାୟୀ କେନ୍ଦ୍ରସରକାର ପୋଲ ନିର୍ମାଣ ପାଇଁ ୧କୋଟି୬୦ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ପଞ୍ଚାନନ ରାଉତଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ନିମନ୍ତେ ଶିଳାନ୍ୟାସ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅକ୍ଷୟ ସାହୁ, ଦଳର ବରିଷ୍ଠ ନେତା ପ୍ରକାଶ ମହାପାତ୍ର, ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମା,



ମଣ୍ଡଳ ସଭାପତି ଗିରିଶ ଚନ୍ଦ୍ର ସାମଲ, ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଉମାଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟ ପଟ୍ଟନାୟକ, ମନ୍ଦାକିନୀ ସାମଲ, ସୁଧାକର ମହାନ୍ତି, କେଶବ ନାୟକ, ମାନସ ପାତ୍ର, ସନ୍ତୋଷ ସାହୁ, ସୁରେଶ ସ୍ୱାଇଁ, ରବି ସାହୁ, ଲକ୍ଷ୍ମୀଧର ସାହୁ, କୃଷ୍ଣଚନ୍ଦ୍ର ସାହୁ, ବୈଦନାଥ ଦାସ, ପ୍ରହଲ୍ଲାଦ ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

# ବିଭିନ୍ନ ପଞ୍ଚାୟତରେ ୯୭ ଲକ୍ଷ ଟଙ୍କାର ବିଦ୍ୟୁତ ବିଲ୍ ବାକି

## ବିଭାଗୀୟ କର୍ତ୍ତୃପକ୍ଷ ଓ ସରପଞ୍ଚଙ୍କ ବୈଠକ

**ତିହିଡ଼ି, ୧୩।୩(ସମିସ)**

ତିହିଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଇପ ମାଧ୍ୟମରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ଓ ଷ୍ଟ୍ରିଟ୍ ଲାଇଟ ଆଦି କ୍ଷେତ୍ରରେ ବ୍ୟବହୃତ ବିଦ୍ୟତ ବିଲ୍ ବାବଦକୁ ୯୭ ଲକ୍ଷ ଟଙ୍କା ବାକି ରହିଛି। ଗ୍ରୀଷ୍ମ ପୂର୍ବରୁ ଏହି ବିଲ୍ କିପରି ଆଦାୟ କରାଯିବ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇଦିଆଯାଇ ପାରିବ ସେ ନେଇ ତିହିଡି ବ୍ଲକ ପରିସରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଟାଟାପାୱାରର ଅଧିକାରୀମାନେ ମିଳିତ ହୋଇ ଏ ନେଇ ଆଲୋଚନା କରିଥିଲେ। ତିହିଡ଼ି ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପସ୍ଥିତ ସରପଞ୍ଚମାନେ ଟାଟା ପାୱାର ଅଧିକାରୀମାନଙ୍କୁ କମ୍ପାନୀର ଦୋଷ ଦୁର୍ବଳତା ସମ୍ପର୍କରେ ସୂଚେଇ ଦେଇଥିଲେ। ଷ୍ଟ୍ରିଟ୍ ଲାଇଟ ନ ଜଳି ବିଦ୍ୟୁତ ବିଲ ଆସିବା, ପାଣି ପମ୍ପରେ ମିଟର ରିଡିଂ ସମୟରେ ପଞ୍ଚାୟତର କୌଣସି କର୍ମଚାରୀଙ୍କୁ ନ ଜଣାଇବା, ପଞ୍ଚାୟତରେ ଷ୍ଟ୍ରିଟ ଲାଇଟ କନେକ୍ସସ ସମ୍ପର୍କୀତ କାର୍ଯ୍ୟରେ ଟାଟା କର୍ମଚାରୀମାନେ ସହଯୋଗ ନ କରିବା ଓ ସର୍ବୋପରି ମାସରେ ଘୋଷଣା ପୂର୍ବକ ଏକାଧିକ ଥର ବିଦ୍ୟୁତ କାଟ କରାଯାଉଥିଲେ ହେଁ ବିଲରୁ ତାହାକୁ ନ କାଟିବା ଆଦି ଅଭିଯୋଗ କରାଯାଇଥିଲା। ଏପ୍ରିଲ ମାସରେ ସାନି କ୍ଷେତ୍ରୀୟ ତଦନ୍ତ କରାଯାଇ ଆବଶ୍ୟକ ସଂଶୋଧନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ବକେୟା ବିଲ ବାବଦରେ ଆଲୋଚନା କରାଯାଇ ଏବେକାର ବିଲ ବାବଦକୁ ଅର୍ଥ ପ୍ରଦାନ କରାଯିବ ବୋଲି ବିଡିଓ ସୂଚନା ଦେଇଥିଲେ। ତେବେ ଯଦି ସମ୍ଭବ ହୁଏ ତେବେ ପୂର୍ବରୁ ଗଡ଼ି ଆସୁଥିବା ବିଲ୍ ବାବଦରେ କେତେ କ'ଣ ଦିଆଯାଇପାରିବ ସେ ନେଇ ମଧ୍ୟ ନିଷ୍ପତ୍ତି ନିଆଯିବ ବୋଲି ବିଡିଓ ସୂଚନା ଦେଇଥିଲେ। ଏହି ବୈଠକରେ ସରପଞ୍ଚ ପ୍ରଭାତ ମିଶ୍ର, ପ୍ରଶାନ୍ତ ବିଶ୍ୱାଳ, ଉଦ୍ଧବ ଚରଣ ନାୟକ, ଯଶୋଦା ମଲ୍ଲିକ, ଲକ୍ଷ୍ମୀପ୍ରିୟା ସାମଲ, ସରପଞ୍ଚଙ୍କ ପ୍ରତିନିଧି ଗଣେଶ ବିଶ୍ୱାଳ, ନିତ୍ୟାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ୨ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇସାଇକଲ ଓ ଆଶାବାଡ଼ି ପ୍ରଦାନ



**ଧାମନଗର,୧୩।୩(ସମିସ):** ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ବର୍ଗର ଲୋକମାନଙ୍କୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ସହାୟତା ପ୍ରଦାନ କରୁଥିବା ବେଳେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧାମନଗର ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇସାକେଲ ଏବଂ ଆଶାବାଡି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କ ଅଧ୍ୟକ୍ଷତାରେ ଏଥିରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରାଙ୍କ ପ୍ରତିନିଧି ତଥା ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ଦ୍ୱାରା ବ୍ଲକ ଅନ୍ତର୍ଗତ ପଧାନୀ ପଞ୍ଚାୟତର ପଦ୍ମନାଭ ବେହେରା, ଲକ୍ଷ୍ମୀଧର ବେହେରା ଦୁଇ ଜଣଙ୍କୁ ୨ଟି ଟ୍ରାଇସାକେଲ ସହିତ ଆଶାବାଡି ପ୍ରଦାନ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ



**ବାରିକପୁର,୧୩।୩(ସମିସ):** ଭଣ୍ଡାରିପୋଖରୀ ଥାନା ସରସଦା ପଞ୍ଚାୟତ କୁରିକଣା ଗ୍ରାମର ମଧୁସୂଦନ ନାୟକଙ୍କ ପୁଅ ଅଶେଷ ନାୟକ(୩୮)ଙ୍କର ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିବା ଜଣାପଡିଛି। ଅଶେଷ ଭଦ୍ରକରୁ ମଙ୍ଗଳବାର ରାତି ୧୦ଟା ବେଳେ ବାଇକରେ ଫେରୁଥିବାବେଳେ ଏକ ଗାଡି ତାଙ୍କୁ କହରାପୋଖରୀ ଠାରେ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ଭୋର ପ୍ରାୟ ୪ଟା ସମୟରେ ମୃତ୍ୟୁ ଘଟିଥିବା କୁହାଯାଉଛି। ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତକଙ୍କର ବିଧବା ପତ୍ନୀ ଓ ୨ଟି ଛୋଟ ଛୋଟ ପିଲା ଥିବା ବେଳେ ପରିବାର ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ସମାଜସେବୀ ଅଶୋକ ନାୟକଙ୍କ ସ୍ମୃତିସଭା



**ଭଣ୍ଡାରିପୋଖରୀ,୧୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ଗ୍ରାମର ଯୁବ ସମାଜସେବୀ ସ୍ୱର୍ଗତ ଅଶୋକ ନାୟକଙ୍କ ଦ୍ୱାଦଶାହ ପାଳନ ଅବସରରେ ସ୍ମୃତିସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ କାର୍ତ୍ତିକ ସ୍ୱାଇଁଙ୍କ ସଭାପତିତ୍ୱରେ ସ୍ମୃତିସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅବସରପ୍ରାପ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ, ପ୍ରାକ୍ତନ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ କୁମାର ଦାସ, ଅକ୍ଷୟ ସାହୁ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ପ୍ରାକ୍ତନ ଅଧ୍ୟକ୍ଷ ପିତାମ୍ବର ନାୟକ, ପ୍ରାକ୍ତନ ଅଧ୍ୟକ୍ଷା ସଂଘମିତ୍ରା ପଣ୍ଡା, ସମିତି ସଭ୍ୟା କମଳା ଜେନା, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ପଞ୍ଚାନନ ରାଉତ, ଭଣ୍ଡାରିପୋଖରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ, ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ଗୋଲକ ବେହେରା, ରାମଚନ୍ଦ୍ର ସେନାପତି, ଶିକ୍ଷାବିତ ନଟବର ରାଉଳ ସ୍ୱର୍ଗତ ନାୟକଙ୍କ ସମାଜସେବା ଗୁଣାବଳୀ, ସେବାସଂସ୍କୃତି କାର୍ଯ୍ୟାବଳୀ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଞ୍ଜୀବ ପରିଡ଼ା, ଗଗନ ସେଠୀ, କଳାକାଳ କିର୍ତ୍ତନ ଧଳ, ଅନନ୍ତ ତ୍ରିପାଠୀ, ଡା ଯୋଗେନ୍ଦ୍ର ଦାଶ, କିଶୋର ଶେଣ୍ଠ, ଅଶୋକ ଦାସ, ଜଗନ୍ନାଥ ଦାସ, ତ୍ରିଲୋଚନ ଦାଶ, ରତ୍ନାକର ଦାସ, ପରମେଶ୍ୱର ନାୟକ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରଦୋଷ ନାୟକ କୃତଜ୍ଞତା ଅର୍ପଣ କରିଥିଲେ। ପ୍ରଫୁଲ୍ଲ, ପ୍ରଶାନ୍ତ, ଶଶାଙ୍କ, ସୁଧାଂଶୁ, ସିଦ୍ଧାର୍ଥ, ସୁବ୍ରତ, ପୁତ୍ର ସମ୍ବିତ, ଅଜିତ, ପ୍ରିୟବ୍ରତ, ସତ୍ୟବ୍ରତ, ବିଶ୍ୱଜିତ, ସୌମ୍ୟା, ଦିପିକା, ସଂଗ୍ରାମ, ବାପି, ହାପି, ଦିପୁ ପରିଚାଳନା କରିଥିଲେ।

# ଜିଲ୍ଲାର ୪ଟି ଅତ୍ୟାଧୁନିକ ଥାନାଗୃହକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

### ଭଦ୍ରକ ଗ୍ରାମାଞ୍ଚଳ, ସାବରଙ୍ଗ, ପୀରହାଟ ଓ କଷିଆ ସାମୁଦ୍ରିକ ଥାନା

**ଭଦ୍ରକ,୧୩।୩(ସମିସ)**





ରାଜ୍ୟରେ ଆଇନଶୃଙ୍ଖଳା ରକ୍ଷା କରିବା ସହ ଶୂନ୍ୟ ଅପରାଧ ନୀତି ଆଧାରରେ ଆଜି ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜ୍ୟ ର ୧୬ ଟି ପୁଲିସ ଜିଲ୍ଲାରେ ୫୧ଟି ଥାନା, ଫାଣ୍ଡି ଓ ଏସ୍‌ଡିପିଓ ନୂତନ ଥାନା ଗୃହ ଓ କାର୍ଯ୍ୟାଳୟକୁ ଲୋକାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାର ୪ଟି ଅତ୍ୟାଧୁନିକ ଥାନା ଗୃହ ଲୋକାର୍ପିତ ହୋଇଯାଇଛି । ଏହି ନୂତନ ଥାନା ଗୃହ ଗୁଡିକ ହେଲା- ଭଦ୍ରକ ବ୍ଲକ ଅଧିନ ଭଦ୍ରକ ଗ୍ରାମାଂଚଳ ଥାନା ଓ ସାବରଙ୍ଗ ଥାନା, ତିହିଡି ବ୍ଲକ ଅଧିନ ପୀରହାଟ ଥାନା ଓ ବାସୁଦେବପୁର ବ୍ଲକ ଅଧିନ କଷିଆ ମେରାଇନ୍ ଥାନା । ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନଳାଙ୍ଗ ଠାରେ ଜିଲ୍ଲାର ପ୍ରମୁଖ ଭଦ୍ରକ ଗ୍ରାମାଞ୍ଚଳ ଥାନା ଗୃହର ଲୋକାର୍ପଣ ହୋଇଯାଇଛି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ଜେନା ପ୍ରମୁଖଙ୍କ ସମେତ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅମିତାଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ଥାନା ଗୃହ ଲୋକାର୍ପଣ କାର୍ଯ୍ୟକ୍ରମରେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଏସ୍‌ଡିପିଓ ସୌରଭ ଓତା, ଆଇଆଇସି ରୀନା ବକ୍ସାଲ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ତିହିଡି ବ୍ଲକ୍ ଅଧୀନ ପୀରହାଟ ଥାନା ର ନୂତନ ଗୃହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ପୀରହାଟ ଥାନା ଆଇଆଇସି ବିଜୟ କୁମାର ମୁର୍ମୁ, ତିହିଡି ଥାନା ଆଇଆଇସି ପ୍ରସନ୍ନ ନାୟକ, ବାଂଶଡ଼ା ଥାନା ଆଇଆଇସି ଦେବରାଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପଭାବ ଆଜି କଷିଆ ମେରାଇବା ବା ସାମୁଦ୍ରିକ ଥାନା ଗୃହ ଲୋକାର୍ପଣ ଉତ୍ସବରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଆଡିସନାଲ ଏସ୍‌ପି ବାମଦେବ ସିଂ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ମଲ୍ଲିକ ଓ ଥାନା ଆଇଆଇସି ସବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗ ଦମ୍ପତିଙ୍କ ମୁହଁରେ ହସ ଫୁଟାଇଲା 'ବିଏସ୍‌କେୱାଇ'



**ଭଦ୍ରକ,୧୩।୩(ସମିସ):** ଏହି ଦମ୍ପତି ଜନ୍ମରୁ ଦିବ୍ୟାଙ୍ଗ। ଜନ୍ମରୁ ଏ ଦୁହେଁ କଥା କହି ପାରନ୍ତି ନାହିଁ କି ଆଦୌ ଶୁଣି ପାରନ୍ତି ନାହିଁ। ଏମାନଙ୍କ ମଧ୍ୟରୁ ଜଣେ ହେଲେ ମନ୍ଦାକିନୀ ରଣା (୨୯) ଓ ଅନ୍ୟଜଣେ ହେଲେ ରଞ୍ଜନ ସାହୁ(୩୨)। ଉଭୟଙ୍କ ଘର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଞ୍ଚଳରେ। ମନ୍ଦାକିନୀଙ୍କ ଘର ବ୍ରାହ୍ମଣୀଗାଁ ଓ ସ୍ୱାମୀ ରଞ୍ଜନଙ୍କ ଘର ଗୁଆଗଡିଆ ଗାଁରେ। ଉଭୟ ପରିବାର ସହମତିରେ ଏହି ଦୁଇ ଦିବ୍ୟାଙ୍ଗଙ୍କ ବିବାହ ହୋଇଥିଲା । ଏମାନଙ୍କ ପରିବାର ଚାଷୀ, ମୂଲିଆ ପରିବାର । ଜମିବାଡି ନ ଥିବାରୁ ପରଘର ମୂଲ ଲାଗି ପରିବାର ମୁଖ୍ୟମାନେ ପରିବାର ଚଳାନ୍ତି। ତେବେ ଦିବ୍ୟାଙ୍ଗ ରଞ୍ଜନ ମଧ୍ୟ କାନକୁ ଶୁଭୁ ନ ଥିବା ଓ କଥା କହିପାରୁନଥିବାରୁ କାମଧନ୍ଦା ଠିକ୍ ସେ କରିପାରିନନ୍ତି ନାହିଁ ବୋଲି ତାଙ୍କ ମାଆ ଅନ୍ନପୂର୍ଣ୍ଣା କହିଛନ୍ତି। ତାଙ୍କ ବୋହୂ ମନ୍ଦାକିନୀ ମଧ୍ୟ ସମାନ ଦିବ୍ୟାଙ୍ଗ ହୋଇଥିବାରୁ କେବଳ ଘର କାମ କରିଥାଏ । କଷ୍ଟେମଷ୍ଟେ ତାଙ୍କ ସଂସାର ଚାଲୁଥିବାବେଳେ ମନ୍ଦାକିନୀ ଆସନ୍ନ ପ୍ରସବା ହେଲେ। ତାଙ୍କର ପ୍ରଥମ ସନ୍ତାନ କେମିତି ନିରାପଦରେ ଜନ୍ମନେବ ଓ ଏଥିପାଇଁ ଆବଶ୍ୟକ ଅର୍ଥ କେଉଁଠୁ ଆସିବ ଏହି ଚିନ୍ତାରେ ଥିଲେ ତାଙ୍କ ପରିବାର ବର୍ଗ। ତେବେ ସୌଭାଗ୍ୟବଶତଃ ମନ୍ଦାକିନୀଙ୍କ ବିଏସ୍‌କେୱାଇ(ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା) ରେ ନାମ ଥିଲା । ତେଣୁ ତାଙ୍କ ପରିବାରଲୋକେ ଆସନ୍ନ ପ୍ରସବା ମନ୍ଦାକିନୀଙ୍କୁ ଭଦ୍ରକ ବାଇପାସ୍ ରୋଡରେ ଥିବା ଶ୍ରଦ୍ଧା ହସ୍ପିଟାଲରେ ଆଣି ଗତ ୫.୩.୨୪ ତାରିଖରେ ଦାଖଲ କରିଥିଲେ । ଶ୍ରଦ୍ଧା ହସ୍ପିଟାଲ ମୁଖ୍ୟ ଯୁବ ସମାଜସେବୀ ତାପସ ରଞ୍ଜନ ନାୟକ ଏହି ଦିବ୍ୟାଙ୍ଗ ମହିଳାଙ୍କୁ ତାଙ୍କ ବିଏସ୍‌କେୱାଇ କାର୍ଡରେ ଦାଖଲ କରି ଉପଯୁକ୍ତ ଚିକିତ୍ସା ଯୋଗାଇବାର ବ୍ୟବସ୍ଥା କରିଥିଲେ । ପରେ ଗତ ୮ତାରିଖରେ ଦିବ୍ୟାଙ୍ଗ ମନ୍ଦାକିନୀ ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି । ତାଙ୍କୁ ସ୍ତ୍ରୀ ଓ ପ୍ରସୂତୀ ଡାକ୍ତର ଅମରେନ୍ଦ୍ର ଜେନା ଓ ନିସ୍ତେଜକ ବିଶେଷଜ୍ଞ ଡାକ୍ତର ପ୍ରୀତିଶ ସବ୍ୟସାଚୀ ମହାନ୍ତି ଚିକିତ୍ସା କରୁଥିଲେ । ଦିବ୍ୟାଙ୍ଗ ଦମ୍ପତିଙ୍କ ନୂଆ ସଂସାର ବିନା ମୂଲ୍ୟରେ ହୋଇଥିବାରୁ ମନ୍ଦାକିନୀଙ୍କ ଶାଶୂ ଅନ୍ନପୂର୍ଣ୍ଣା ସାହୁ ଓ ମାଆ ସାବିତ୍ରୀ ରଣା ଉଭୟ ଭାରି ଖୁସି। ସେମାନେ ବିଏସ୍‌କେୱାଇ କାର୍ଡ ନ ଥିଲେ ଆମେ ବହୁତ ହଇରାଣ ହୋଇଥାନ୍ତୁ ବୋଲି କହିବା ସହ ଏଥିପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି । ସତରେ ବିଏସ୍‌କେୱାଇ ଯୋଗୁଁ ଦିବ୍ୟାଙ୍ଗ ଦମ୍ପତି ଆଜି ବିନା ଦେୟରେ ନୂଆ ସଂସାର ଗଢିବାର ସୁଯୋଗ ପାଇଥିବା ସମ୍ପୃକ୍ତ ଅଞ୍ଚଳବାସୀମାନେ ମଧ୍ୟ କହିଛନ୍ତି ।

## 'ପୂଜନୀୟା ଆଶାଲତା ଦେବୀ'



ମା' ତୁମେ ମମତାର କରୁଣାର ଭଣ୍ଡାର, ଆମ ପାଇଁ ତୁମକୋଳ ହେଉଛି ଦେବତାର ମନ୍ଦିର, ବନ୍ଦନୀୟ ତୁମେ, ପୂଜନୀୟ ତୁମେ, ମହନୀୟ ଜନନୀ। ତୁମରି ଭଳି ସ୍ନେହମୟୀ ଜନନୀମାନଙ୍କ ଉଦ୍ଦେଶ୍ୟରେ କବି ପ୍ରାଣ ଗାଇଉଠେ। ଜନନୀ ଜାୟା ଭଗିନୀ ସୂତା ତୁମେ ଗୋ ଅପରାଜିତା ତୁମେ ସାବିତ୍ରୀ ତୁମେ ଗୋ ସୀତା ତୁମେ ଗୋ ଆଦି ମାତା ତୁମେ ଗୋ ଆଦି ମାତା। ଆଜି ତୁମର ଶ୍ରାଦ୍ଧ ଦିବସରେ ତୁମର ସେହି ମହନୀୟ ଅବଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଭଦ୍ରକ ସହର ଚରମ୍ପା ବରାଳପୋଖରୀ ଗ୍ରାମକୁ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ହାତଧରି ଆସିବାପରେ ତୁମ ମହନୀୟ ଗୁଣାବଳୀର ନମ୍ର କମ୍ର ବ୍ୟବହାର ଭିତରେ ସ୍ନେହପ୍ରେମ ସଦିଚ୍ଛା ସହିତ ସନ୍ତାନ ବତ୍ସଳ ଭାବଧାରାକୁ ଏ ସମାଜ ଅନୁଭବ କରିଥିଲା। ଆଜିର ଏ ଅବକ୍ଷୟ ସୁଖୀ ସମାଜରେ ତାହା ଉଦାହରଣ ସୃଷ୍ଟି କରିଛି। ତୁମ ନାମର ସାର୍ଥକତା ସ୍ୱରୁପ ଅନେକ ଆଶାର ସଞ୍ଚାର ଘଟିଛି ଭଦ୍ରକ ସହରରେ ଜଣେ ଆର୍ଦଶ ଗୃହିଣୀ ଭାବରେ ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ହାତଧରି ବାଟ ଚାଲୁ ଚାଲୁ ଯେଉଁ ଅଭୁଲା କୀର୍ତ୍ତିରାଜି ଛାଡ଼ି ଯାଇଛ, ଆଜି ତୁମ ଶ୍ରାଦ୍ଧା ଦିବସ ଅବସରରେ ତାହା ନିଜ ପରିବାର, ପରିଜନ, ଆତ୍ମୀୟ ସ୍ୱଜନ, ପଡୋଶୀ, ବନ୍ଧୁ ପରିଜନ ତଥା ଆଞ୍ଚଳିକ ଜନସାଧାରଣଙ୍କ ନିକଟରେ ଏକ ଅଭୁଲା ସ୍ମୃତି ରୂପରେ ମାନସ ମନ୍ଥନ କରି ଚଳିଛି। ଅନ୍ୟର ଦୁଃଖରେ ନିଜକୁ ଭାଗିଦାର କରିବାର ମହନୀୟତା, ଦୁଃଖୀର ଦୁଃଖରେ ସମବେଦନା ଭରା ହୃଦୟବତାର ପ୍ରକାଶ ପାଇଁ କେବଳ ଭଦ୍ରକ ନୁହେଁ ସାରା ରାଜ୍ୟର ଜନସାଧରରଣ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ ଭାବେ, ଜଣେ ଆଦର୍ଶ ମାଆ ଭାବେ ସ୍ନେହ ମମତାର ମନ୍ଦାକିନୀ ଢାଳି ଯେଉଁ ଅବର୍ଣ୍ଣନୀୟ ସ୍ମୃତି ଛାଡ଼ିଯାଇଛ, ତାହା ଯାବତ୍ ଚନ୍ଦ୍ରାର୍କ ଉଦାହରଣ ହୋଇ ରହିବ।

(ରୋଟାରିଆନ୍ ଶିଶିର ମିଶ୍ର, ଚରମ୍ପା, ଭଦ୍ରକ)

## ମନ୍ତ୍ରବାସୁଳୀ ଉନ୍ନୀତ ମଧ୍ୟ ଇଂରାଜୀ ସ୍କୁଲର ସଫଳତା



**ଭଦ୍ରକ,୧୩।୩(ସମିସ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ମନ୍ତ୍ରବାସୁଳୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ଦିବ୍ୟଜ୍ୟୋତି ଜେନା ଚଳିତ ବର୍ଷ ଜାତୀୟ ମେଧାବୃତି (ଏନ୍‌ଏମ୍‌ଏମ୍‌ଏସ୍) ପରୀକ୍ଷାରେ ଉତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ଆଣିଛନ୍ତି । ସେଥିପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଅଭିଭାବିକା ତଥା ପରିଚାଳନା ସମିତି ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ଗଛ, ଉଡ଼ିଲା ଛପର



**ଆରଡ଼ି,୧୩।୩(ସମିସ)**

ବୁଧବାର ଅପରାହ୍ଣରେ ଆରଡି ସମେତ ଆଖପାଖ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ସହିତ ବର୍ଷା ଓ ବଜ୍ରପାତ ହୋଇଥିଲା। ଛୋଟବଡ଼ ଗଛ ଉପୁଡି ପଡ଼ିଥିବାବେଳେ ବହୁ ଛପର ଘର ଉଡ଼ିଯାଇଛି। ଦୀର୍ଘ ୧ଘଣ୍ଟା ଧରି ଝଡ଼ତୋଫାନ ଓ ବର୍ଷା ଲାଗି ରହିବାରୁ ଭଦ୍ରକ ଆଖଣ୍ଡଳମଣି ରାସ୍ତା ପାର୍ଶ୍ୱରେ ଥିବା ଗଛ ଓ ହୋର୍ଡିଂ ଭାଙ୍ଗି ପଡ଼ି ରାସ୍ତା ଜାମ୍ ହୋଇଥିଲା। ଝଡ଼ତୋଫାନ କମିବା ପରେ ସ୍ଥାନୀୟଲୋକଙ୍କ ପକ୍ଷରୁ ରାସ୍ତା ସଫା କରାଯିବା ପରେ ସ୍ୱାଭାବିକ ଅବସ୍ଥା ଫେରିଥିଲା। ତାହାସହ ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଥିବା ବେଳେ ତାର ଛିଡି ଯାଇଥିବାରୁ ଦୀର୍ଘ ୪ଘଣ୍ଟାରୁ ଊର୍ଦ୍ଧ୍ୱ ହେବ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଫଳରେ ମୋବାଇଲ ସେବା ଓ ପାନୀୟଜଳ ସେବା ଠପ୍ ହୋଇଯାଇଛି।

## ଢଳିଲା ଆଖଣ୍ଡଳମଣିଙ୍କ ମନ୍ଦିର ଦଧିନଉତିର ତ୍ରିଶୂଳ



**ଭଦ୍ରକ/ଆରଡ଼ି :** ବୁଧବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ବହିବା ସହ ବର୍ଷା ଓ ବଜ୍ରପାତ ଦୀର୍ଘ ସମୟ ଧରି ଲାଗି ରହିଥିଲା। ଏହାର ପ୍ରଭାବରେ ଆରଡିପୀଠ ଆଖଣ୍ଡଳମଣିଙ୍କ ମନ୍ଦିର ଦଧିନଉତିର ତ୍ରୀଶୂଳ ବାଙ୍କି(ଢଳିପଡିଛି) ଯାଇଛି ।

# ଅସରାଏ ବର୍ଷାରେ ରାଜପଥ ଉବୁଟୁବୁ



**ବାରିକପୁର :** ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଅସରାଏ ବର୍ଷା ହେଲେ ରାସ୍ତା ଉବୁଟୁବୁ ହେଉଛି। ଫଳରେ ପଥଚାରୀମାନେ ଯାତାୟତ ପାଇଁ ହନ୍ତସନ୍ତ ହେଉଛନ୍ତି। ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର ଗତବର୍ଷ ନବୀକରଣ କାର୍ଯ୍ୟ ଶେଷ ହୋଇଛି। କାର୍ଯ୍ୟ ଶେଷ ପରେ ଯେଉଁଠି ବାଇପାସ ରାସ୍ତା ମାନ ନିର୍ମାଣ ହୋଇଛି ତାହା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ବୋଲି ଜଣାପଡିଛି। ଶହେରୁ ୩ ଶହ ମିଟର ଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ବାଇପାସ ରାସ୍ତା ନିର୍ମାଣ ହୋଇଛି। ବିଶେଷ କରି ଉଚ୍ଚ ପୋଲ ଓ ଗଳା ପୋଲ ନିର୍ମାଣ ହୋଇଥିବା ସ୍ଥାନ ମାନଙ୍କରେ ଏହି ରାସ୍ତା ତିଆରି ହୋଇଥିବା ବେଳେ ଖରାଦିନେ ଲୋକେ ଯାତାୟାତ କରିବାରେ କିଛି ଅସୁବିଧା ହେଉନାହିଁ। କିନ୍ତୁ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ସମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେଲେ ବାଇପାସ ରାସ୍ତାରେ ପାଣି ଠିଆ ହୋଇଯାଉଛି। ରାସ୍ତା ସଂଲଗ୍ନ ଡ୍ରେନେଜ ବ୍ୟବସ୍ଥା ସୁଚାରୁରୂପେ ନିର୍ମାଣ ହୋଇ ନ ଥିବାବେଳେ ଜଳ ନିଷ୍କାସନରେ ଏହା ଘୋର ବାଧା ସୃଷ୍ଟି କରୁଛି। ଯେଉଁଥି ପାଇଁ ସାଇକେଲ, ମୋଟର ସାଇକେଲ ଓ ପାଦରେ ଚାଲି ଚାଲି ଯାଉଥିବା ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଉଁଠି ଫୁଟେ ତ ପୁଣି କେଉଁଠି ଦେଢ଼ ଫୁଟ ଉଚ୍ଚର ପାଣି ରାସ୍ତା ଉପରେ ଠିଆ ହୋଇ ରହୁଛି। ଆଜି କହରାପୋଖରୀ ଠାରୁ ନଳାଙ୍ଗ ଯାଏଁ ଅଦିନିଆ ବର୍ଷା ହୋଇଥିବା ବେଳେ ଜାତୀୟ ରାଜପଥ ଉଭୟ ପାର୍ଶ୍ୱର ବାଇପାସ ରାସ୍ତା ଜଳମଗ୍ନ ହୋଇଯାଇଥିଲା। ବିଶେଷ କରି ଧାମନଗର ଛକ, ବାରିକପୁର, ବିଷ୍ଣୁପୁର, ଦରଡ଼ା ପ୍ରମୁଖ ବାଇପାସ୍ ରାସ୍ତାରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଏହା ଉପରେ ରାଜପଥ ପ୍ରାଧିକରଣ ସଂସ୍ଥାର ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଜୀବିତ ହିତାଧିକାରୀ କାଳିଆ ଯୋଜନାରେ 'ମୃତ'



**କୟାଁଗୋଲା, ୧୩।୩(ସମିସ):** କାଳିଆ ଓ ପିଏମ୍ କିଷାନ ଯୋଜନା କିସ୍ତି ଟଙ୍କା ପାଇଥିଲେ ଦଶରଥପୁର ବ୍ଲକ ଅନ୍ତର୍ଗତ ନିଜାମପୁର ପଞ୍ଚାୟତର କୂଳସାହି ଗ୍ରାମର ଛବିରାଣୀ ସାହୁ। କିଛି କିସ୍ତି ସଠିକ୍ ଭାବେ ତାଙ୍କ ବ୍ୟାଙ୍କ୍ ଖାତାକୁ ଆସିବା ପରେ ଆଜି ପର୍ଯ୍ୟନ୍ତ ବାକି କିସ୍ତି ରାଶି ଆସିନାହିଁ। କାହିଁକି କିସ୍ତି ଟଙ୍କା ଆସିଲା ନାହିଁ କାରଣ ସମ୍ପର୍କରେ ଜନସେବା କେନ୍ଦ୍ର ଯାଇଥିଲେ। ସେଠାରେ ତଥ୍ୟରୁ ଦେଖିଥିଲେ ତାଙ୍କୁ ମୃତ ବୋଲି ଦର୍ଶାଯାଇଛି। ପ୍ରଶାସନ ତଥା ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଛବିଙ୍କ ପରିବାର କୃଷି ଉପରେ ନିର୍ଭର କରିଥା'ନ୍ତି। ସରକାରଙ୍କ ଘୋଷଣା ପରେ ବହୁ ଚାଷୀଙ୍କ ଭଳି ସେ ମଧ୍ୟ କାଳିଆ ଯୋଜନା ସହ ପିଏମ୍ କିଷାନ ଯୋଜନାର କିସ୍ତି ବାବଦର ଅର୍ଥ ରାଶି ଲଗାତର ପାଇଥିଲେ। ଅନ୍ୟ ଚାଷୀ ପରବର୍ତ୍ତୀ କିସ୍ତି ରାଶି ପାଉଥିବାବେଳେ ଛବିଙ୍କ ଖାତାକୁ କିସ୍ତି ରାଶି ଆଜିଯାଏ ଆସୁନାହିଁ। କୃଷି ବିଭାଗର ତଳସ୍ତରରୁ ଉପରିସ୍ଥ ଅଧିକାରୀଙ୍କୁ ନିବେଦନ କରିଥିଲେ। ହେଲେ ସେ ଅନ୍‌ଲାଇନ୍ କପି ବାହାର କରି ଦେଖ ବୋଲି କହିଥିଲେ। ଏ ନେଇ ବ୍ଲକ୍ ସ୍ତରରେ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା କେହି ତାଙ୍କ କଥା ବୁଝି ନ ଥିଲେ। ଏପରି ସ୍ଥଳେ ସରକାରୀ ମୃତ୍ୟୁ ତାଲିକାରୁ ତାଙ୍କୁ ମୁକ୍ତି କରିବା ପାଇଁ ସେ ନିବେଦନ କରିଛନ୍ତି।

## ବିରଜା ମନ୍ଦିର ନୂତନ ଟ୍ରଷ୍ଟିଙ୍କୁ ଅଭିନନ୍ଦନ

**ଯାଜପୁର,୧୩।୩ (ସମିସ):** ବିରଜା ମନ୍ଦିର ପଣ୍ଡିତ ସଭାର ୫୦ତମ ବୈଠକ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀବିରଜା ସେବା ସମିତିର ସଭାପତି ବିଶ୍ୱମ୍ବର ମିଶ୍ର ଓ ସଂପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ପୁଷ୍ପଗୁଚ୍ଛ ଓ ଏକ ଅଭିନନ୍ଦନ ପତ୍ର ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟି ଅଂଶୁମାନ ଶତପଥୀଙ୍କୁ ପ୍ରଦାନ କରି ସେବା ସମିତି ପକ୍ଷରୁ ଅଭିନନ୍ଦନ ଜଣାଇଥିଲେ। ପଣ୍ଡିତ ସଭା ବୈଠକରେ ପଣ୍ଡିତ ଭୂପତିଭୂଷଣ ମିଶ୍ର ଓ ବିଶ୍ୱମ୍ବର ମିଶ୍ର ପୁଷ୍ପମାଲ୍ୟ ଦେଇ ଟ୍ରଷ୍ଟିଙ୍କୁ ସ୍ୱାଗତ କରିଥିଲେ। ସଂପାଦକ ଡଃ ଜ୍ଞାନରଞ୍ଜନ ପତି ସଭାର ଆଭିମୁଖ୍ୟ ଜଣାଇଥିଲେ। ଅପ୍ରେଲ ୧୩ ତାରିଖ ପଣାସଂକ୍ରାନ୍ତି ପାଳନ ହେବାକୁ ସ୍ଥିର ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମା' ବିରଜାଙ୍କ ଏକ ଧାତୁ ନିର୍ମିତ ପ୍ରତିମୂର୍ତ୍ତି ମନ୍ଦିର ଦକ୍ଷିଣ ପାଶ୍ୱର୍ରେ ସ୍ଥାପନା କରାଯିବ



ଓ ଦେବୀଙ୍କ ମୂର୍ତ୍ତି ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ରହିବେ। ବର୍ତ୍ତମାନ ମନ୍ଦିରର ପରମ୍ପରାକୁ ଦୃଷ୍ଟିରେ ରଖି ଅଣହିନ୍ଦୁ ପ୍ରବେଶ ବନ୍ଦ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ସଭ୍ୟ ଦେବୀ ପ୍ରସାଦ ପାଣି, ସୁବାସ ଚନ୍ଦ୍ର ପାଣି, ସତ୍ୟନାରାୟଣ କର, ଡଃ ସୁରେନ୍ଦ୍ର କୁମାର ମିଶ୍ର, ନିତ୍ୟାନନ୍ଦ ଦେଓ, ମନ୍ଦିର କର୍ମଚାରୀ ସୁଧାରଞ୍ଜନ ପଣ୍ଡା ଓ ମଳୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ପଣ୍ଡିତ ସଭାର ସହସମ୍ପାଦକ ବାଲୁଙ୍କେଶ୍ୱର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋବର୍ଦ୍ଧନପୁରରେ ଅଷ୍ଟପ୍ରହର ନାମଯଜ୍ଞ



**ଟମକା, ୧୩।୩(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ହରିଜନ ସାହି ଗୌରହରି ଭକ୍ତ ବୃନ୍ଦଙ୍କ ପକ୍ଷରୁ ୩୫ତମ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ୮ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଏହି ନାମଯଜ୍ଞରେ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଯୋଗ ଦେଇ ପ୍ରଭୁଙ୍କ ଆଶିଷ ନେବା ସହ ସମାଜର କଲ୍ୟାଣ କାମନା କରିଥିଲେ। ଏହି ପବିତ୍ର କାର୍ଯ୍ୟରେ ସନ୍ତୋଷ ପାତ୍ର, ପ୍ରଦ୍ୟୁମ୍ନ ବାରିକ, ହରିହର ବାରିକ, ଅଜୟ ଜେନାଙ୍କ ସମେତ ଗ୍ରାମର ସମସ୍ତ ଯୁବକ ଉପସ୍ଥିତ ରହିବା ସହିତ ସହଯୋଗ କରିଥିଲେ।

# ବରୁଆଁ ପଞ୍ଚାୟତ ସଂଖ୍ୟାଲଘୁ କଲ୍ୟାଣ ମଣ୍ଡପର ଶିଳାନ୍ୟାସ

**ଯାଜପୁର, ୧୩।୩ (ସମିସ)**

ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ପଡ଼ିଆରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଏକ କଲ୍ୟାଣ ମଣ୍ଡପ ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ାଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ବରିଷ୍ଠ ବିଜେଡି ନେତା ରସୁଲ ବକ୍ସଙ୍କ ସଭାପତିତ୍ୱ କରିଥିଲେ। ମୁସଲମାନ ସମ୍ପ୍ରଦାୟର ପବିତ୍ର ରମଜାନ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କ୍ରମେ ଯାଜପୁର ବିଧାୟକ ତଥା ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। କିଛି ଦିନ ପୂର୍ବେ ସଂଖ୍ୟାଲଘୁ ସମ୍ପ୍ରଦାୟର ଏକ ପ୍ରତିନିଧି ଦଳ ସ୍ଥାନୀୟ ସରପଞ୍ଚ ଅନାହାର ବାନୋଙ୍କ ନେତୃତ୍ୱରେ ବିଧାୟକଙ୍କୁ ଭେଟି ଏକ କଲ୍ୟାଣ ମଣ୍ଡପ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକ ଦାବି ପ୍ରତି ଗୁରୁତ୍ୱ ଦେବା ସହ ଯାଜପୁର ବ୍ଲକ ଅଞ୍ଚଳରେ ସଂଖ୍ୟାଲଘୁଙ୍କ ନିମନ୍ତେ ୫ଟି କଲ୍ୟାଣ ମଣ୍ଡପକୁ ଅନୁମୋଦନ ମିଳିଥିବା




କଥା ଯାଜପୁର ବ୍ଲକର ପୂର୍ବତନ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ଯାଜପୁର ଯଯାତି କେଶରୀ ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଯାଜପୁର ବ୍ଲକ ବିଡିଓ ସ୍ୱାଗତ ଦାସ, ସ୍ଥାନୀୟ ସରପଞ୍ଚ ଅନାହାର ବାନୋ, ସମିତି ସଭ୍ୟ ରଶ୍ମୀରଞ୍ଜନ ମହାନ୍ତି, ଜିଲ୍ଲା ବିଜେଡି ଉପସଭାପତି ପ୍ରକାଶ ତ୍ରିପାଠୀ, ଗଣେଶ ଚନ୍ଦ୍ର ମହାକୁଡ, ଯୁବ ବିଜେଡି ସଭାପତି ଅଜୟ ମହାନ୍ତି, ଯୁବ ବିଜେଡ଼ି ସମ୍ପାଦକ ଫିରୋଜ୍ ବାଦଶାହା, ଶେଖ୍ ମୋଜାହିଦ, ରଫିକ୍‌ଉଦ୍ଦିନ୍ ଖାନ, ଉକ୍ରଳିନୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶେଖ୍ ଗୋଲାମ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।



## ବରାଂଶରେ ପ୍ରୀତ୍ ସୁପରସ୍ପେଶାଲିଟ ହସ୍‌ପିଟାଲ ଉଦ୍‌ଘାଟିତ

**ହରିପୁର, ୧୩।୩ (ସମିସ):** ଜାତୀୟ ରାଜପଥ ୨୦ର କୁଆଖିଆ ନିକଟବର୍ତ୍ତୀ ମୁଗପାଳ ପଞ୍ଚାୟତ ଅନ୍ତର୍ଗତ ବରାଂଶ ଗ୍ରାମ ରାସ୍ତା ପାର୍ଶ୍ୱରେ ପ୍ରୀତ୍ ସୁପରସ୍ପେଶାଲିଟ୍ ଘରୋଇ ଡାକ୍ତରଖାନା ଆଜି ଉଦ୍‌ଘାଟିତ ହୋଇଛି। ଏହି ଡାକ୍ତରଖାନାକୁ ଧର୍ମଶାଳା ବ୍ଲକର ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଉକ୍ତ ଡାକ୍ତରଖାନାର ମୁଖ୍ୟ ପରିଚାଳକ ଡା. ସତ୍ୟବ୍ରତ ଜେନା, ଡାକ୍ତରଖାନାର ପରିଚାଳକ ସୁଶାନ୍ତ ତରାଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଉକ୍ତ ଡାକ୍ତରଖାନାରେ ପ୍ଲାଷ୍ଟିକ ସର୍ଜରୀ, କାଡିଓଲୋଜି, ସ୍ତ୍ରୀ ଓ ପ୍ରସୂତି, ଶିଶୁ ବିଭାଗ, ଅସ୍ଥିଶଲ୍ୟ ବିଭାଗ ଚିକିତ୍ସା ସୁବିଧା ମିଳିପାରିବ। ୟୁସିଜି, ଏଣ୍ଡୋସ୍କୋପି ପରୀକ୍ଷା ସୁବିଧା ରହିଛି। ସମସ୍ତ ବିଭାଗର ଡାକ୍ତର ନିୟମିତ ଆସି ରୋଗୀଙ୍କୁ ଦେଖିବା ପାଇଁ ବ୍ୟବସ୍ଥା ଅଛି। ଏଠାରେ ସମୁଦାୟ ୧୯ଟି ବେଡ ରହିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡଧାରୀଙ୍କ ପାଇଁ ଏଠାରେ ସମସ୍ତ ସୁବିଧା ରହିଛି। କୁଆଖିଆ କିମ୍ବା ଏହାର ନିକଟବର୍ତ୍ତୀ ସ୍ଥାନରେ କୌଣସି ଡାକ୍ତରଖାନାର ସୁବିଧା ନ ଥିବାରୁ ସାଧାରଣ ଜରୁରି ଚିକିତ୍ସାରୁ ରୋଗୀ ବଞ୍ଚିତ ହେଉଥିଲେ।

## ଯାଜପୁର ସହରରେ ପାଇପ୍ ଯୋଗେ ଗ୍ୟାସ୍ ଯୋଗାଣ ଆରମ୍ଭ

**ଯାଜପୁର ଟାଉନ, ୧୩।୩(ସମିସ):** ଯାଜପୁର ଜିଲ୍ଲାର ପ୍ରତି ଘରକୁ ପାଇପ୍ ଯୋଗେ ରନ୍ଧନ ଗ୍ୟାସ ପହଞ୍ଚାଇବାକୁ କେନ୍ଦ୍ର ତୈଳ ଓ ଗ୍ୟାସ ମନ୍ତ୍ରାଳୟ ସ୍ୱୀକୃତି କ୍ରମେ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଦୀର୍ଘ ୩ ବର୍ଷର କଠୋର ପରିଶ୍ରମ ବଳରେ ଯାଜପୁର ଜିଲ୍ଲାରେ ପାଇପ୍ ଲାଇନ ଯୋଗେ ରନ୍ଧନ ଗ୍ୟାସ ପହଞ୍ଚାଇବାରେ ସକ୍ଷମ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଯାଜପୁର ଜିଲ୍ଲାର ବ୍ୟାସନଗର ପୌରାଞ୍ଚଳରେ ଗ୍ୟାସ ବିତରଣ ଆରମ୍ଭ ହୋଇଥିବାବେଳେ ଏବେ ଯାଜପୁର ଟାଉନରେ ଏହାର ରେଜିଷ୍ଟ୍ରେସନ ଆରମ୍ଭ ହୋଇଛି। ଆଜି ସନ୍ଧ୍ୟାରେ ମାନସାପୋଲ ନିକଟରେ ବିପିସିଏଲ ପକ୍ଷରୁ ଏକ ରନ୍ଧନ ଗ୍ୟାସ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଯାଜପୁର ପୌରାଧକ୍ଷ ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ ମଲ୍ଲିକ, ବିପିସିଏଲର ମ୍ୟାନେଜର କୋନା ନାଗେଶ କୁମାର, ସହପରିଚାଳକ ମୁଦିତ କଂଶଲ, ମନୋଜ କୁମାର ଯାଦ୍ଧାଓ୍ୱା, ଇଂଜିନିୟର ବିଶ୍ୱଜିତ ନାୟକ, ଆଦିତ୍ୟ ଗୌତମ, ପ୍ରଭାସ ଆଇଚ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଯାଜପୁର ପୌରାଞ୍ଚଳର ବହୁ ବୁଦ୍ଧିଜୀବୀ, ଗୃହିଣୀ ଉପସ୍ଥିତ ଥିଲେ। ଏହି ରନ୍ଧନ ଗ୍ୟାସ ଏକ କେଜିକୁ ୫୨ ଟଙ୍କା ପଡିବ। ଯେତିକି ଖର୍ଚ୍ଚ ସେତିକି ବିଲ୍ ଆସିବ। ୨୪ ଘଣ୍ଟା ଗ୍ୟାସ ଉପଲବ୍ଧ ହେବ। ରେଜିଷ୍ଟ୍ରେସନର ୧୫ଦିନ ମଧ୍ୟରେ ଗ୍ୟାସ ସଂଯୋଗ କରାଯିବ। ଏଥିପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ। ଖୁବ୍‌ଶୀଘ୍ର କମ୍ପାନୀ ଜିଲ୍ଲାର ଅନ୍ୟ ସହରାଞ୍ଚଳରେ ଗ୍ୟାସ ପହଞ୍ଚାଇବ ବୋଲି ବିପିସିଏଲ ଅଧକ୍ଷ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ଫଳରେ ଜନସାଧାରଣ ପ୍ରାକୃତିକ ଗ୍ୟାସ ଓ ଏହାର ଉପକାରିତା ବିଷୟରେ ଜାଣିପାରିବେ।




## 'ଯାତ୍ରା ଯାଜ୍ଞସେନୀ' ଉନ୍ମୋଚିତ




**ଯଖପୁରା, ୧୩।୩(ସମିସ)**

ମନୋରଞ୍ଜନ ଦୁନିଆରେ ଯାତ୍ରା ପାର୍ଟିର ସ୍ୱତନ୍ତ୍ର ସ୍ଥାନ ରହିଛି। ପୂଜା ପର୍ବଠାରୁ ଆରମ୍ଭ କରି ମେଳା ମହୋତ୍ସବରେ ବିଭିନ୍ନ ପାର୍ଟିର ଯାତ୍ରା ମେଳା ଲାଗିଥାଏ। ଯାତ୍ରା ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ନିଶା ଥାଏ। ଆଜିକାଲି ସ୍ମାର୍ଟ ସମୟରେ ମଧ୍ୟ ଯାତ୍ରା ପାର୍ଟି ତା'ର ପରିଚୟକୁ ବଜାୟ ରଖିଛି। ଖଣ୍ଡଗିରି ମେଳାଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ବିଭିନ୍ନ ସମୟରେ ଯାତ୍ରା ପାର୍ଟିକୁ ସ୍ଥାନୀୟ ଅଞ୍ଚଳରେ ପ୍ରଦର୍ଶିତ କରି ଦର୍ଶକଙ୍କ ମନୋରଞ୍ଜନ କରିଥା'ନ୍ତି। ଏହା ଭିତରେ ଅନେକ ଯାତ୍ରା ଅନୁଷ୍ଠାନ ଆରମ୍ଭ ହୋଇ ସମୟ କ୍ରମେ ବିଲୁପ୍ତ ହେଉଥିବା ସମୟରେ ଯାଜପୁର ଜିଲ୍ଲାର ଦାନଗଦି ଅଞ୍ଚଳର ଯଖପୁରା ଗ୍ରାମର ସମାଜସେବୀ ପ୍ରସନ୍ନଜିତ୍ ନାୟକ ଯାତ୍ରା ଜଗତକୁ ଆଗକୁ ନେବା ପାଇଁ ଆଗେଇ ଆସିଛନ୍ତି। ପ୍ରଥମେ କିଛି ବର୍ଷ ପୂର୍ବରୁ ମା' ହିଙ୍ଗୁଳା ଏଣ୍ଟରଟେଣ୍ଟ ପକ୍ଷରୁ ପ୍ରଥମ ଅବଦାନ ଭାବେ ଯାତ୍ରା ଆକାଶ ଗଙ୍ଗା ସଫଳତାର ସହିତ ଚାଲୁଥିବା ସମୟରେ ପୁନର୍ବାର ସେହି ବ୍ୟାନରରେ ଦ୍ୱିତୀୟ ଅବଦାନ ଭାବେ ଆଜି ଯାତ୍ରା ଯାଜ୍ଞସେନୀ ଉନ୍ମୋଚିତ ହୋଇଛି।

ଯାତ୍ରା ଯାଜ୍ଞାସେନୀର ପ୍ରଯୋଜିକା ଭାବେ ସୁଶ୍ରୀ ସୁଦୀପ୍ତା ସିଂହ ଦାୟିତ୍ୱ ନେଇଛନ୍ତି। ପୁନର୍ବାର ପ୍ରସନ୍ନଜିତ୍ ନାୟକ ଏହାର ମୁଖ୍ୟ ଉପଦେଷ୍ଟା ଭାବେ ଦାୟିତ୍ୱ ନେଇଛନ୍ତି। ଯାତ୍ରା ଯାଜ୍ଞସେନୀର ଉନ୍ମୋଚନ ଉତ୍ସବରେ ଯୋଗଦେଇ ଓଡ଼ିଆ ଫିଲ୍ମ ଜଗତର ସଫଳ ନାୟକ ତଥା ଯାତ୍ରା ଜଗତର ପରିଚିତ ନାଟ୍ୟକାର ଅଶ୍ରୁମୋଚନ ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଆଜିର ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଯୋଜିକା ସୁଦୀପ୍ତା ସିଂହ, ମୁଖ୍ୟ ଉପଦେଷ୍ଟା ପ୍ରସନ୍ନଜିତ ନାୟକ, ନାଟ୍ୟ ନିର୍ଦ୍ଦେଶକ ହର ବାରିକ, ଯାତ୍ରା ଜଗତର ପରିଚିତ ସଙ୍ଗୀତ ନିର୍ଦ୍ଦେଶକ ମିହିର ମହାନ୍ତି, ଯାତ୍ରା ଯାଜ୍ଞସେନୀ ପରାମର୍ଶଦାତା ନିହାର ରଞ୍ଜନ ବଳ, ନାଟ୍ୟ ନିର୍ଦ୍ଦେଶକ ସୁଧାଂଶୁ ନାୟକ ଓ ବରିଷ୍ଠ ନାଟ୍ୟକାର ଜୀବନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

● ମାଙ୍କିଡ଼ିଆ ବିସ୍ଥାପିତ ବସ୍ତି

# ଅର୍ଦ୍ଧନିର୍ମିତ ଘର ସାଜିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**କାଳିଆପାଣି,୧୩।୩(ସମିସ)**

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମାଙ୍କିଡ଼ିଆ ଜନଜାତିଙ୍କ ପାଇଁ ଥଇଥାନ କରାଯିବାର ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ଅନୁଯାୟୀ ରାସୋଳ ପଞ୍ଚାୟତ ଅନ୍ତର୍ଗତ କଲରଙ୍ଗୀ ଅଡ୍ଡା (ମଲ୍ହାର ସାହି) ଠାରେ ରହୁଥିବା ପ୍ରାୟ ଶତାଧିକ ମାଙ୍କିଡ଼ିଆ ପରିବାରଙ୍କୁ ସେଠାରୁ ସ୍ଥାନାନ୍ତର କରାଯାଇ ସେହି ପଞ୍ଚାୟତର କୁସୁମୁଡିହା ଗ୍ରାମ ନିକଟରେ ଅବସ୍ଥାପିତ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଗତ ୨୦୧୯ ଜାନୁଆରୀ ମାସରେ ଏଥିପାଇଁ ଶିଳାନ୍ୟାସ କରାଯାଇଥିଲା। ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁ ରହିଛି। ଘରଗୁଡ଼ିକ ଅର୍ଦ୍ଧନିର୍ମିତ ହୋଇରହିଥିବାରୁ ଏହା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ମାଙ୍କଡ଼ିଆ ଜନଜାତିଙ୍କ ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ଘରଗୁଡିକ ଅତି ନିମ୍ନମାନର ହୋଇଥିବାବେଳେ ଧାର୍ଯ୍ୟ ହୋଇଥିବା ସମୁଦାୟ ୮୭ଟି ଘର ମଧ୍ୟରୁ ଏପର୍ଯ୍ୟନ୍ତ ଦୀର୍ଘ ୫ ବର୍ଷ ମଧ୍ୟରେ କେବଳ ୭୫ଟି ଘର ଛାତ ପଡ଼ି ଝରକାରେ ଲୁହା ଗ୍ରିଲ ଲଗାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟ ୧୨ଟି ଘର ମଧ୍ୟରୁ ୮ଟି ଘର ଛାତ ପଡନ ତିଆରି ସରିଥିବାବେଳେ ବାକି ୪ଟି ଘରର



ନିଅଁ ଖୋଳାଯାଇପାରିନହିଁ। ତେବେ ବିଡ଼ମ୍ବନାର ବିଷୟ ଯେ, ଅର୍ଦ୍ଧନିର୍ମିତ ୭୫ଟି କୋଠା ଘର ମଧ୍ୟରୁ ମାତ୍ର କେତୋଟି ଘରକୁ ଛାଡ଼ିଦେଲେ ଅନ୍ୟ ଘରଗୁଡିକରେ ଲାଗିଥିବା କବାଟ ଝରକାଗୁଡିକୁ ଦୁର୍ବୃତ୍ତ ତାଡ଼ି ନେଇଥିବାର ଦେଖିବାକୁ ମିଳିଛି। ଯଦି ମୋଟାମୋଟି ହିସାବକୁ ନିଆଯାଏ ତେବେ ପ୍ରାୟ କୋଡିଏ ଲକ୍ଷ ଟଙ୍କାର ଲୁହା ନିର୍ମିତ କବାଟ ଝରକା ଏଥିରୁ ଚୋରି ହୋଇଥିବା ଅନୁମାନ କରାଯାଏ। ଏଠାରେ ପ୍ରଶ୍ନ ଉଠିଛି ଯେ ଏତେ ପରିମାଣରେ କବାଟ ଝରକା କିଏ ଚୋରି କରି ନେଇଛି ତାହାର ଖୋଜ ଖବର କରିବାକୁ କେହି ନାହିଁ। ଏ ପର୍ଯ୍ୟନ୍ତ ସ୍ଥାନୀୟ ସରପଞ୍ଚ ଏହାର ସନ୍ଧାନ ନ କରି କାହିଁକି ଚୁପ୍ ହୋଇ ବସିଛନ୍ତି ତାହାର କାରଣ କିଛି ବୁଝି ପଡୁନାହିଁ। ସରପଞ୍ଚଙ୍କ ଗାଁ ନିକଟରେ ଏତେବଡ ଚୋରି ଦେଖି ନିରବ ରହିବା ଅତ୍ୟନ୍ତ ଚିନ୍ତାର କାରଣ।

ଅନ୍ୟପକ୍ଷରେ ନିର୍ଜନ ଓ ନିରାପଦ ଅଞ୍ଚଳ ଭାବି ଅସାମାଜିକ କାର୍ଯ୍ୟକଳାପ ଏଠାରେ ହେଉଥିବାର ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଗ୍ରାମବାସୀ। ଏହାର ପ୍ରମାଣ ସ୍ୱରୂପ ଅର୍ଦ୍ଧନିର୍ମିତ ଘର ଭିତରେ ବିଦେଶୀ ମଦ ବୋତଲ ପଡିଥିବା ଦେଖିବାକୁ ମିଳିଛି। ଏହାର ନିର୍ମାଣକାରୀ ସଂସ୍ଥା ଏପରି ବେପରୁଆ ମନୋଭାବ କାହିଁକି ଦେଖାଉଛନ୍ତି ତାହା କିଛି ବୁଝି ହୁଏନାହିଁ। ସେହିପରି ମାଙ୍କିଡ଼ିଆଙ୍କୁ ଘର ତିଆରି ସରିବାର କିଛିଦିନ ମଧ୍ୟରେ ଯଦି ସେଠାକୁ ସ୍ଥାନାନ୍ତର କରାଯାଇଥାନ୍ତା, ତେବେ ଘରଗୁଡ଼ିକରୁ କବାଟ ଝରକା ଚୋରି ହୋଇ ନ ଥାନ୍ତା କିମ୍ବା ଠିକାଦାର ଯଦି ସେଠାରେ ଜଗୁଆଳି ରଖିଥା'ନ୍ତେ ତେବେ ଏହି ଚୋରିକୁ ରୋକାଯାଇପାରିଥା'ନ୍ତା। ତେବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଯେ ୮୭ଟି ଘରକୁ ନିର୍ମାଣ କରିବାକୁ ଯଦି ୫ ବର୍ଷ ବି କମ୍ ପଡୁଛି ତେବେ ଶତାଧିକ ମାଙ୍କିଡିଆଙ୍କୁ ଥଇଥାନ କରିବାକୁ କେତେ ବର୍ଷ ଲାଗିବ? ବ୍ଲକ ଓ ଜିଲ୍ଲାର ବିଭାଗୀୟ ଅଧିକାରୀ ଏହାକୁ ଅଣଦେଖା କରିବା ଅତ୍ୟନ୍ତ ଦୁଃଖର ବିଷୟ। ଏଠାରେ କେହି ରାତ୍ର ଜଗୁଆଳ କିମ୍ବା ପୁଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଅସାମାଜିକ ଲୋକଙ୍କ ଏହା ଚରାଭୂଇଁ ପାଲଟିଛି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ପ୍ରସ୍ତାବିତ ଦେଶୀ ମଦ ଦୋକାନକୁ ବିରୋଧ



**ବରୀ,୧୩।୩(ସମିସ):** ବରୀ ବ୍ଲକ ଅଧୀନସ୍ଥ ଅରଙ୍ଗାବାଦଠାରେ ଏକ ଦେଶୀ ମଦ ଦୋକାନ ଖୋଲାଯିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି ଅରଙ୍ଗାବାଦ ପଞ୍ଚାୟତର ସରପଞ୍ଚ ନିରୂପମା ମଲିକ ଓ ଅଲିପୁର ସରପଞ୍ଚ ମଧୁସ୍ମିତା ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳା ଜିଲ୍ଲାପାଳ ଓ ଅବକାରୀ ଅଧିକାରୀଙ୍କୁ ଭେଟି ଏହି ଦେଶୀମଦ ଦୋକାନ ଖୋଲିବା ବନ୍ଦ କରିବା ନିମନ୍ତେ ଲିଖିତ ଅଭିଯୋଗ କରିଛନ୍ତି। ଅରଙ୍ଗାବାଦ ମୌଜା ଖାତା ନମ୍ବର ୮୪୮/୨୬୦ ପ୍ଲଟ ନମ୍ବର ୩୦୨/୨୪୫୮ରେ ଏକ ଦେଶୀ ମଦ ଦୋକାନ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଅବକାରୀ ବିଭାଗ ପକ୍ଷରୁ ଜଣେ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ମତାମତ ସଂଗ୍ରହ କରି ଫେରିଛନ୍ତି। ଗାନ୍ଧୀ ରାସ୍ତା ପାର୍ଶ୍ୱରେ ଖୋଲାଯିବା ନିଷ୍ପତ୍ତି ଅତ୍ୟନ୍ତ ନିନ୍ଦନୀୟ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଯଦି ଦେଶୀ ମଦ ଦୋକାନ ଖୋଲାଯିବା ନିଷ୍ପତ୍ତି ପ୍ରତ୍ୟାହାର କରା ନ ଯାଏ, ତେବେ ଆଗାମୀ ଦିନରେ ହଜାର ହଜାର ମହିଳା ରାସ୍ତାରୋକ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସରପଞ୍ଚ ନିରୂପମା ମଲିକ ଚେତାବନୀ ଦେଇଛନ୍ତି।

## ନୟାବଗପାଟିଆ ଗ୍ରାମରୁ ଟ୍ରାକ୍ଟର ଚୋରି

**ଟମକା,୧୩।୩(ସମିସ):** ଟମକା ଥାନା ଅନ୍ତର୍ଗତ ଦେଉଳକଣ ପଞ୍ଚାୟତର ନୟାବଗପାଟିଆ ଗ୍ରାମରୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର ଚୋରି ହୋଇଥିବା ନେଇ ଗାଡ଼ି ମାଲିକ ଅଜୟ କୁମାର ଜେନା ଟମକା ଥାନାରେ ଅଭିଯୋଗ କରିଛନ୍ତି। ସବୁଦିନ ଭଳି ଘର ପାଖରେ ଟ୍ରାକ୍ଟର ରଖି ଶୋଇଥିବାବେଳେ ସକାଳୁ ଉଠି ଟ୍ରାକ୍ଟର ନ ଥିବା ଜାଣିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ନିରାଶ ହୋଇ ଟମକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଟମକା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିବା ସୂଚନା ମିଳିଛି। ଏ ନେଇ ପୁଲିସ୍ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

